୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.275 Bhubaneswar Tuesday December 17 2024 ୨୬ତମ ବର୍ଷ ସଂଖ୍ୟା-୨୭୫ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଜାନୁଆରୀରେ ଦୁଇ ଥର ଓଡିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୬।୧୨(ପି.ଏନ): ଜାନୁଆରୀରେ ଦୁଇ ଥର ଓଡିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ଓ ଉତ୍କର୍ଷ ଓଡିଶା କନକ୍ଲେଭରେ ଯୋଗଦେବେ ପ୍ରଧାନମନ୍ତ୍ରୀ। ଆସନ୍ତା ଜାନୁଆରୀ ୮, ୯ ଓ ୧୦ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବ ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମ। ଏଥିରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



## ପ୍ରଦୂଷଣ ପୂରା ଭାରତର ସମସ୍ୟା: ପ୍ରଦୂଷିତ ସହରଗୁଡିକର ତାଲିକା ମାଗିଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର,୧୬।୧୨(ପି.ଏନ): ପ୍ରଦୂଷଣ ପୂରା ଭାରତର ସମସ୍ୟା ବୋଲି ମତ ରଖି ସୁପ୍ରିମକୋର୍ଟ ସୋମବାର ସରକାରଙ୍କୁ ଅଧିକ ପ୍ରଦୂଷିତ ସହରଗୁଡିକର ତାଲିକା ଦାଖଲ କରିବାକୁ କହିଛନ୍ତି। ଏହାଦ୍ୱାରା ଦିଲ୍ଲୀ-ଏନସିଆରରେ ବାୟୁର ଗୁଣବତ୍ତାକୁ ଯାଞ୍ଚ କରିବା ସହ ଏଥିରେ ସୁଧାର ଆଣିବା ପାଇଁ ଗଠନ ହୋଇଥିବା ବାୟୁ ଗୁଣବତ୍ତା ପରିଚାଳନା କମିଶନ ଭଳି ସଂସ୍ଥା ସବୁ ରାଜ୍ୟ ପାଇଁ ପ୍ରତିଷ୍ଠା କରାଯାଇ ପାରେ ବୋଲି ମଧ୍ୟ କୋର୍ଟ ମତ ରଖିଛନ୍ତି।

# ଆହୁରି ୨୪ ଘଣ୍ଟା ଥରିବ ଓଡ଼ିଶା: ୧୦ ଡିଗ୍ରୀ ତଳେ ୧୫ ସହରର ତାପମାତ୍ରା, ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,ଭୁବନେଶ୍ୱର,୧୬।୧୨(ପିଏନ): ୨୪ ଘଣ୍ଟା ପାଇଁ ଶୀତ ପ୍ରକୋପ ଉପରେ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦେଲା ପାଣିପାଗ ବିଭାଗ । ଝାରସୁଗୁଡ଼ା, ଅନୁଗୁଳ, ଜଗତସିଂହପୁର ଓ ସୁନ୍ଦରଗଡ଼କୁ ଦିଆଯାଉଛି ୟେଲୋ ୱାର୍ଣ୍ଣିଂ । ସେହିପରି ୨ ଦିନ ଘନ କୁହୁଡ଼ି ନେଇ କୋରାପୁଟ ଓ କନ୍ଧମାଳ ଜିଲ୍ଲାକୁ କରାଯାଇଛି ଆଲର୍ଟ । କାଲି ପରଠାରୁ ତାପମାତ୍ରା ୩ରୁ ୫ ଡିଗ୍ରୀ ବଢ଼ିବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ । ବର୍ତ୍ତମାନ ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଛି ୧୫ ସହରର ତାପମାତ୍ରା ।ରାତି ତାପମାତ୍ରା ଅନୁସାରେ ଓଡ଼ିଶାର ସବୁଠୁ ଥଣ୍ଡା ସହର ଜି.ଉଦୟଗିରିର ତାପମାତ୍ରା ୫.୨, ସେମିଳିଗୁଡ଼ା ଓ ଫୁଲବାଣୀ ୯, ରାଉରକେଲା ୭.୨, କିରେଇ ୮.୮, ଦାରିଙ୍ଗବାଡ଼ି ୧୦.୫, ବୌଦ୍ଧ ୧୦.୨, ଚିପିଲିମା ୧୦.୨, ଝାରସୁଗୁଡ଼ା ୮, ସୁନ୍ଦରଗଡ଼ର ତାପମାତ୍ରା ୧୦ ଡିଗ୍ରୀ ରହିଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ଭୁବନେଶ୍ୱରର ତାପମାତ୍ରା ୧୪ ଡିଗ୍ରୀ ଥିବାବେଳେ କଟକର ତାପମାତ୍ରା ୧୨ଡିଗ୍ରୀ ରହିଛି । ଏଥିସହ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାକୁ ଶୀତ ଲହରୀର ସତର୍କତା ଜାରି କରାଯାଇଛି । ସୂଚନା ଅନୁସାରେ, ଚଳିତ ବର୍ଷ ରେକର୍ଡ ଭାଙ୍ଗିବ ଶୀତ ।ତେବେ ଡିସେମ୍ବର ମାସ ସବୁଠାରୁ ଥଣ୍ଡା ମାସ ବୋଲି ପ୍ରମାଣିତ ହେବାକୁ ଯାଉଛି । ସାରା ଦେଶରେ ଭୀଷଣ ଥଣ୍ଡା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ସେପ୍ଟେମ୍ବର ମାସରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏନେଇ ଆକଳନ କରାଯାଇଥିଲା । ପ୍ରଶାନ୍ତ ମହାସାଗରରେ ଲ ନିନା ସାରା ଦେଶରେ ତାପମାତ୍ରା ଅଧିକ ହ୍ରାସ ପାଇବ । ଶୀତଳ ପବନ ବହିବା ସହିତ କେତେକ ସ୍ଥାନରେ ବରଫ ମଧ୍ୟ ପଡିବାର ସମ୍ଭାବନା ରହିଛି ।

## ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରିଲେ ଯୁବକ

ବଲାଙ୍ଗୀର, ଭୁବନେଶ୍ୱର, ୧୬।୧୨(ପି.ଏନ): ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରିଲେ ଯୁବକ । ମୃତ ଯୁବକ ଜଣଙ୍କ ହେଲେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ ବ୍ଲକ ପଣ୍ଡାମୁଣ୍ଡା ପଞ୍ଚାୟତ କୁହାବାଉସ ଗାଁର ଶିବ ମାଝୀ । ଶିବ ଓ ତାଙ୍କ ସ୍ତ୍ରୀ ରାଇବତୀ ଗାଁର କିଛି ଲୋକଙ୍କ ସହ ମିଶି ହାଇଦ୍ରାବାଦ ଦାଦନ ଖଟିବାକୁ ଯାଇଥିଲେ । ଖପ୍ରାଖୋଲର ଦାଦନ ସର୍ଦ୍ଦାର ଅଶୋକ ୪୫ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଦେଇ ନେଇଥିଲେ । ସେଠାରେ ଗୋଟିଏ ମାସ ହେଲା ଶିବ କାମ କରୁଥିଲେ ।ଇଟାଭାଟି ମାଲିକ ନିର୍ଯାତନା ସହ ଦିନରାତି କାମରେ ଲଗାଇବାରୁ ଅସୁସ୍ଥ ଅନୁଭବ କରିଥିଲେ ଶିବ । ଚିକିତ୍ସା ପାଇଁ ଇଟାଭାଟି ମାଲିକକୁ ଅନୁରୋଧ କରିଥିଲେ କିନ୍ତୁ ତାଙ୍କର ଚିକିତ୍ସା ନକରି ଖଟାଇଥିଲେ ଇଟାଭାଟି ମାଲିକ । ଫଳରେ ଗୁରୁତର ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଆଜି ଗାଁରେ ଶିବ ମାଝୀର ମୃତଦେହ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଥିଲା । ପ୍ରଶାସନ ହସ୍ତକ୍ଷେପ କରି ସେଠାରେ ବନ୍ଧା ପଡିଥିବା ଶିବଙ୍କ ଭାଇ ଓ ପରିବାର ଲୋକଙ୍କୁ ଉଦ୍ଧାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଦାଦନ ସର୍ଦ୍ଦାର ଅଶୋକକୁ ଗିରଫ ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୧୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

# ତିନି ଦିନିଆ କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

କେନ୍ଦୁଝର,ଭୁବନେଶ୍ୱର,୧୬।୧୨(ପିଏନ): ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଗସ୍ତରେ ଆସୁଛନ୍ତି । ମଙ୍ଗଳବାର ସକାଳ ୯ଟାରେ ମୁଖ୍ୟମନ୍ତ୍ରୀ ନିବାସରୁ ବାହାରି ୯ଟା ୧୫ ରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଁଚିବେ । ବିମାନ ବନ୍ଦରରୁ ୯ଟା ୨୫ରେ ସୁପର କିଙ୍ଗ ଏଆଇଆର ସି ୯୦-ଭିଟି ଇଜେଜେଡ ଏଆରକ୍ରାଫ୍ଟରେ ଯୋଗେ ଭୁବନେଶ୍ୱରରୁ କେନ୍ଦୁଝର ଅଭିମୁଖେ ଯାତ୍ରା କରି ସକାଳ ୧୦ଟାରେ ରାଇସୁଆଁ ଏୟାରଷ୍ଟ୍ରିପରେ ଓହ୍ଲାଇବେ । ୧୦ଟା୨୫ ରେ କେନ୍ଦୁଝର ଅଶୋକ ବାଟୀକା ପହଞ୍ଚି ଅଲ ଇଣ୍ଡିଆ ସାନ୍ତାଳୀ ରାଇଟରସ୍ ଏସୋସିଏସନର ୭ମ ବାର୍ଷିକ ଉତ୍ସବରେ ଯୋଗଦେବେ। ୧୧ଟା୪୦ ରେ ସଭାସ୍ଥଳ ଛାଡିବେ। ୧୨ଟା ୫ ରେ କେନ୍ଦୁଝର ମୁକୁଣା ସ୍ଥିତ ସତ୍ୟନାରାୟଣ ହାଇସ୍କୁଲର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବେ।୧ ଟାରେ ହାଇସ୍କୁଲ ସଭାସ୍ଥଳ ଛାଡିବେ। ୧ଟା ୨୦ ରେ କେନ୍ଦୁଝର ସର୍କିଟ ପହଞ୍ଚିବେ। ୩ଟା ୪୫ ରେ ସର୍କିଟ ହାଉସ ରୁ ବାହାରିବେ। ୪ ଟାରେ ତାଳପଦା ଖେଳପଡିଆ ଠାରେ ଅନୁଷ୍ଠିତ ଫାଇନାଲ ମେଚ୍ ରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ୫ ଟାରେ ଫୁଟବଲ ପଡିଆ ଛାଡିବେ । ୫ ଟା୧୫ରେ ସର୍କିଟ ହାଉସ ପହଞ୍ଚିବେ । ୬ଟା୨୦ ରେ ସର୍କିଟ ହାଉସରୁ ବାହାରିବେ । ୬ଟା ୩୦ରେ କେନ୍ଦୁଝର ଅଡିଟେରିଅମ୍ ପହଞ୍ଚି “କେନ୍ଦୁଝର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର” ବାର୍ଷିକ ଉତ୍ସବରେ ଯୋଗଦେବେ। ୮ଟାରେ ସଭାସ୍ଥଳ ରୁ ବାହାରିବେ। ୮ଟା ୧୦ରେ ସର୍କିଟ ହାଉସରେ ପହଞ୍ଚି ରାତ୍ରୀଯାପନ କରିବେ । ୧୮.୧୨.୨୪ ବୁଧବାର ଦିନ ୧୦ଟା ୫୦ ରେ ସର୍କିଟ ହାଉସରୁ ବାହାରିବେ । ୧୧ ଟାରେ କେନ୍ଦୁଝର ଓଲ୍ଡ ଟାଉନ ସ୍ଥିତ “ସିଦ୍ଧ ମଠ” ଭୂମି ପୂଜନ କାର୍ଯ୍ୟକ୍ରମ ରେ ଯୋଗଦେବେ । ୧୨ ଟା ୫ ରେ ସିଦ୍ଧ ମଠ କାର୍ଯ୍ୟକ୍ରମ ରୁ ବାହାରିବେ ।୧୨ ଟା୧୫ ରେ କେନ୍ଦୁଝର ଓଡିଟରିୟମ ପହଞ୍ଚି ଏନଜିଓ ଇଣ୍ଡିଆ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଭାଗ ନେବେ । ୧ଟାରେ ସଭାସ୍ଥଳ ଛାଡିବେ। ୧ଟା ୧୦ରେ ସର୍କିଟ ହାଉସ ପହଞ୍ଚିବେ। ୬ଟା ୫୦ ରେ ସର୍କିଟ ହାଉସରୁ ବାହାରିବେ। ୭ଟାରେ କେନ୍ଦୁଝରେ କାଳି ପଡିଆ ଠାରେ “ଗୋନାସିକା ମହୋତ୍ସବ” କାର୍ଯ୍ୟକ୍ରମ ରେ ଯୋଗଦେବେ । ୧୦ ଟା ୫ରେ ସଭାସ୍ଥଳ ଛାଡିବେ। ୧୦ ଟା ୧୫ ରେ ସର୍କିଟ ହାଉସ ପହଞ୍ଚି ରାତ୍ରୀଯାପନ କରିବେ। ୧୯.୧୨.୨୪ ଗୁରୁବାର) ଦିନ ୧୦ ଟାରେ ସର୍କିଟ ହାଉସରୁ ବାହାରିବେ। ୧୧ ଟାରେ ସଡକ ପଥରେ ଚମ୍ପୁଆ “ମହତାବ ହାଇସ୍କୁଲ”ର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେବେ। ୧ ଟା ୫ ରେ ସଭାସ୍ଥଳ ଛାଡିବେ। ୨ ଟା ୫ ରେ କେନ୍ଦୁଝର ସର୍କିଟ ହାଉସ ପହଞ୍ଚିବେ । ୩ ଟା ୫ ରେ ସର୍କିଟ ହାଉସରୁ ବାହାରିବେ। ୩ ଟା ୨୦ ରେ ରାଇସୁଆଁ ବିମାନବନ୍ଦର ପହଞ୍ଚିବେ। ୩ ଟା ୩୦ ରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ।

## ବ୍ରିଜ ଆଣ୍ଡ ରୁଫ ଦୁର୍ନୀତି ମାମଲା: ଏବେ ବିଚାର ବିଭାଗୀୟ ହାଜତ ଅଭିଯୁକ୍ତଙ୍କ ଠିକଣା



ଭୁବନେଶ୍ୱର, ଭୁବନେଶ୍ୱର, ୧୬।୧୨(ପି.ଏନ): ରାଜଧାନୀରୁ ୧୦ ଲକ୍ଷ ସିବିଆଇ ଜବତ ଘଟଣାରେ ସରିଲା ରିମାଣ୍ଡ ଅବଧି । ତିନି ଅଭିଯୁକ୍ତଙ୍କ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ସରିବା ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ସେପଟେ ମାମଲାରେ ବିଷ୍ଣୁପଦ ସେଠୀ, ଆଇଏଏସଙ୍କ ନାଁ ଆସିବାରୁ କଂଗ୍ରେସ ତରଫରୁ ବିକ୍ଷୋଭ ବେଳେ ମହୁମାଛି କାମୁଡି ବହୁ କର୍ମୀ ଆହତ ।ବ୍ରିଜ ଆଣ୍ଡ ରୁଫ ମାମଲାରେ ଆଜି କମ୍ପାନୀର ନିର୍ଦ୍ଦେଶକ ଚଞ୍ଚଳ ମୁଖାର୍ଜୀ, ଠିକାଦାର ସନ୍ତୋଷ ମହାରଣା ଓ ମଧ୍ୟସ୍ଥି ଦେବଦତ୍ତ ମହାପାତ୍ରଙ୍କୁ ସିବିଆଇ ଗିରଫ କରି ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ନେଇ ପଚରା ଉଚରା କରିଥିଲା । ଏହି ରିମାଣ୍ଡ ଅବଧି ଆଜି ଶେଷ ହୋଇଛି । ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି କୋର୍ଟ । ଆଜି ମଧ୍ୟସ୍ଥି ଦେବଦତ୍ତ ଓ ବ୍ରିଜ ଆଣ୍ଡ ରୁଫ କମ୍ପାନୀ ନିର୍ଦ୍ଦେଶକ ଚଞ୍ଚଳ ରିମାଣ୍ଡ ଅବଧି ସରିବା ପରେ କୋର୍ଟରେ ହାଜର ହୋଇଥିଲେ । କିନ୍ତୁ ଠିକାଦାର ସନ୍ତୋଷ ଜେରା କାଳରେ ଅସୁସ୍ଥ ହୋଇ ପଡିବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ।ଏମାନଙ୍କୁ ଗତ ସାତ ତାରିଖରେ ମେ ଫେୟାର ହୋଟେଲ ସମ୍ମୁଖରୁ ଦିଲ୍ଲୀ ସିବିଆଇ ୧୦ ଲକ୍ଷ ଟଙ୍କା ଓ ବହୁ ସୁନା ଅଳଙ୍କାର ସହ କାବୁ କରି ନେଇଥିଲା । ଡିଲ ପାଇଁ ସେମାନେ ହୋଟେଲ ଆସୁଥିବା ବେଳେ ସିବିଆଇ ସେମାନଙ୍କୁ ଧରିଥିଲା । ପରେ ସେମାନଙ୍କୁ ଗିରଫ କରିଥିଲା । ଏମାନଙ୍କୁ ଜେରା କରିବା କାଳରେ ସିବିଆଇ ବହୁ ଦସ୍ତାବିଜ, ଅର୍ଥ ଠାବ କରିଛି । ମାମଲାରେ ଓଡିଶାର ବରିଷ୍ଠ ଆଇଏଏସ ବିଷ୍ଣୁପଦ ସେଠୀଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି ।

# ଡିଲ୍ ପଛରେ ଅଛି କି ଡିଲ୍, ବିଜୟ ପାଲଟିଲେ ବିଜେଡି ଅସନ୍ତୁଷ୍ଟଙ୍କ ସ୍ୱର ?



ଭୁବନେଶ୍ୱର,୧୬।୧୨(ପି.ଏନ): ସତରେ କ’ଣ ଆଇପିଏସ୍ ଡିଏସ୍ କୁଟ୍ଟେ ଓ ଆଶୀଷ ସିଂଙ୍କୁ କେନ୍ଦ୍ରରେ ନିଯୁକ୍ତି ମିଳିବା ପଛରେ ହୋଇଛି କିଛି ଡିଲ୍ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ କଥାରେ କେତେ ଦମ୍ ଅଛି ? ଏହି ପ୍ରସଙ୍ଗରେ ପ୍ରାୟ ସପ୍ତାହେ ପରେ ମୁହଁ ଖୋଲିଥିବା ବିଜୟ ନିଜେ ଅସନ୍ତୁଷ୍ଟ ବିଜେଡି ନେତାମାନଙ୍କ ସ୍ୱର ପାଲଟି ଏଭଳି ଅଭିଯୋଗ ଆଣିନାହାନ୍ତି ତ ? ‘କହିଁପେ ନିଗାହେଁ କହିଁପେ ନିଶାନା’ଭଳି ‘ଡିଲ୍’ କଥା କହି ଉଭୟ ବିଜେପି ଓ ବିଜେଡିର ଶୀର୍ଷନେତୃତ୍ୱଙ୍କୁ ଅଡୁଆରେ ପକାଇବାକୁ ଉଦ୍ୟମ କରିଛନ୍ତି କି ? ଏଭଳି ନାନାଦି ଚର୍ଚ୍ଚା ଏବେ ବିଜେଡି ରାଜନୀତିରେ ଆଲୋଚନାର ବିଷୟ ପାଲଟିଛି । ଗତ ସପ୍ତାହରେ ବରିଷ୍ଠ ନେତା ବିଜୟ ମହାପାତ୍ର ବାରିପଦା ଗସ୍ତରେ ଯାଇ ବିଜେଡିର ତଥାକଥିତ ନେତା ପ୍ରଣବପ୍ରକାଶ ଦାସ(ବବି) ଓ ଅନ୍ୟ ବିଜେଡି ନେତାମାନଙ୍କ ସହ ‘ମୟୂରଭଞ୍ଜ ମହୋତ୍ସବ’ରେ ଅତିଥି ଭାବେ ଯୋଗ ଦେଇଥିଲେ । ଆଉ ମହୋତ୍ସବରୁ ଫେରିବାର ପ୍ରାୟ ୩ଦିନ ପରେ ଗଣମାଧ୍ୟମକୁ ଡାକି କୁଟ୍ଟେ ଓ ଆଶୀଷ ସିଂ ଦିଲ୍ଲୀ ଯିବା ପଛରେ ଡିଲ୍ ହୋଇଥିବା ଅଭିଯୋଗ ଆଣିଛନ୍ତି । ଆଉ ମୁଖ୍ୟମନ୍ତ୍ରୀଙ୍କଠୁ ସ୍ପଷ୍ଟୀକରଣ ବି ମାଗିଛନ୍ତି। ତା’ଛଡା ମୟୂରଭଞ୍ଜ ଗସ୍ତରେ ଥିବାବେଳେ ‘ଓଡିଶାର ରାଜନୀତିକ ଅବସ୍ଥା ଭଲନାହିଁ ଓ ବିଜେଡି ନିଜର କିଛି ନୀତି ସ୍ଥିର କରିନାହିଁ ବୋଲି ମଧ୍ୟ ମତ ଦେଇଥିଲେ।” ତେବେ ବିଜୟଙ୍କୁ ବିଜେପି ବିଧାୟକ ଅଶୋକ ମହାନ୍ତି ପାଲଟା ଟାର୍ଗେଟ୍ କରିବା ସହ ତାଙ୍କର ବୟାନକୁ ସଇତାନର ବେଦପାଠ ବୋଲି ଆକ୍ଷେପ କରିଥିଲେ । ଆଉ ଯିଏ ଡିଲ୍ କଥା କହୁଛନ୍ତି ସିଏ ହିଁ ଡିଲ୍ କରିଥିବା ବିଜେପି କହିବା ପରେ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀ ଓ ବିଜୟଙ୍କ ମଧ୍ୟରେ ନିଶ୍ଚିତ କିଛି ଡିଲ୍ ହୋଇଛି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ଜୋର ଧରିବାରେ ଲାଗିଛି ।

## ଓଡିଶାର ପ୍ରଥମ ସୌରଶକ୍ତି କାରଖାନା ଢେଙ୍କାନାଳରେ ପ୍ରତିଷ୍ଠା ହେବ: ୧୪ ହଜାର ଲୋକଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,ଭୁବନେଶ୍ୱର,୧୬।୧୨(ପିଏନ): ଢେଙ୍କାନାଳରେ ପ୍ରତିଷ୍ଠା ହେବାକୁ ଯାଉଛି ରାଜ୍ୟର ପ୍ରଥମ ସୌରଶକ୍ତି କାରଖାନା । ଏହି କାରଖାନାକୁ ଏସିଆ ମହାଦେଶର ସର୍ବବୃହତ୍ ସୋଲାର ଏନର୍ଜି କମ୍ପାନୀ ୱାରୀ ଏନର୍ଜି ଲିମିଟେଡ୍ ତରଫରୁ ପ୍ରତିଷ୍ଠା କରାଯିବ । ଏନେଇ ଆଜି ଢେଙ୍କାନାଳ ସଦର ବ୍ଲକର ନେଉଳପୋଇ ଠାରେ କାରଖାନାର ଭୂମି ପୂଜନ ଆରମ୍ଭ କରାଯାଇଛି ।



ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି କାରଖାନାର ଭୂମି ପୂଜନ କରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ଏହି ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିବା ସହ ଅଞ୍ଚଳର ଉନ୍ନତି ଓ ବିକାଶ ହେବ । ଜିଲ୍ଲାର ବିକାଶ ହେଲେ ରାଜ୍ୟର ବିକାଶ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକଶିତ ଓଡିଶାର ସ୍ୱପ୍ନକୁ ପୂରଣ କରିବା ପାଇଁ ଏହା ଏକ ପ୍ରୟାସ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଏହି ପ୍ଲାଣ୍ଟ ସ୍ଥାପନ ପାଇଁ ଗତ ୨୦୨୨ ମସିହା ସେପ୍ଟେମ୍ବର ମାସରେ ଓଡିଶା ସରକାର କମ୍ପାନୀ ସହ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ।

# ଆସନ୍ତାକାଲି ସଂସଦରେ ଆଗତ ହେବ ଗୋଟିଏ ଦେଶ ଗୋଟିଏ ଇଲେକସନ୍ ବିଲ

ନୂଆଦିଲ୍ଲୀ ,ଭୁବନେଶ୍ୱର, ୧୬।୧୨(ପି.ଏନ): ଆସନ୍ତାକାଲି ସଂସଦରେ ଆଗତ ହେବ ଗୋଟିଏ ଦେଶ ଗୋଟିଏ ଇଲେକସନ୍ ବିଲ। ଲୋକସଭାରେ ଆସିବ ୱାନ ନେସନ ୱାନ ଇକେଲକସନ ବିଧେୟକ। ମଧ୍ୟାହ୍ନ ୧୨ଟା ସମୟରେ ଲୋକସଭାରେ ଆଗତ ହୋଇପାରେ ଏହି ବିଲ। କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ବିଧେୟକ ଆଗତ କରିପାରନ୍ତି। ଏ ନେଇ ବିଜେପି ପକ୍ଷରୁ ଆସନ୍ତାକାଲି ପାଇଁ ନିଜ ଦଳୀୟ ସାଂସଦଙ୍କ ପାଇଁ ଜାରି ହୋଇଛି ହ୍ୱିପ। ଏହି ବିଲ ଲୋକସଭାରେ ଆଗତ ପରେ ପାର୍ଲାମେଣ୍ଟର ଦୁଇ ସଦନର ମିଳିତ କମିଟି ନିକଟକୁ ପଠାଯାଇପାରେ।ଏହି ବିଲକୁ ଲୋକସଭାରେ ଉପସ୍ଥାପନ କରିବା ପରେ ସଂସଦର ମିଳିତ କମିଟିକୁ ପଠାଇବାକୁ ଅନୁରୋଧ କରିପାରନ୍ତି ଆଇନମନ୍ତ୍ରୀ।ସଂସଦରେ ସାଂସଦଙ୍କ ସଂଖ୍ୟା ନେଇ ଏକ ମିଳିତ କମିଟି ଗଠନ କରାଯିବ। ସବୁଠାରୁ ବଡ଼ ଦଳ ଭାବେ ବିଜେପିରୁ ଏହି କମିଟିର ଅଧ୍ୟକ୍ଷ ରହିବା ସମ୍ଭାବନା ରହିଛି। ଅନ୍ୟ ଦଳରୁ କିଏ ରହିବେ ସଦସ୍ୟ ଏ ନେଇ ବାଚସ୍ପତି ଅନ୍ୟ ଦଳମାନଙ୍କ ଠାରୁ ପ୍ରସ୍ତାବିତ ନାମ ସଂଗ୍ରହ କରିବେ। ଯଦି କୌଣସି ଦଳ ନିଜ ନିଜର ସଦସ୍ୟଙ୍କ ନାମ ପ୍ରସ୍ତାବ ନଦିଅନ୍ତି ତେବେ ବାଚସ୍ପତି ତାଙ୍କ ଇଚ୍ଛା ଅନୁସାରେ ସଦସ୍ୟ ଚୟନ କରିବେ। ବିଲ ଆଗତ ଦିନ ସନ୍ଧ୍ୟାରେ ବାଚସ୍ପତି କମିଟି ଗଠନ ନେଇ ଘୋଷଣା କରିବେ। କମିଟିର ପ୍ରସ୍ତାବିତ କାର୍ଯ୍ୟକାଳ ୯୦ ଦିନ ରହିଥିବାବେଳେ ଆବଶ୍ୟକସ୍ଥଳେ ଏହାକୁ ବୃଦ୍ଧି କରାଯାଇପାରେ। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ୱାନ ନେସନ ୱାନ ଇଲେକସନ୍ ନେଇ ପ୍ରସ୍ତାବ ଗ୍ରହଣ କରିବାକୁ କମିଟି ଗଠନ କରାଯାଇଥିଲା। ଏଥିରେ ଦେଶରେ ଥିବା ୩୨ ରାଜନୈତିକ ଦଳ ସମର୍ଥନ କରିଥିବାବେଳେ ୧୫ ରାଜନୈତିକ ଦଳ ସମର୍ଥନ କରିନଥିଲେ। ପାର୍ଲାମେଣ୍ଟରେ ଆଗତ ହେଲେ ସମ୍ବିଧାନର ୧୨୯ତମ ସଂଶୋଧନ ବିଲ ହେବ ଏହି ଗୋଟିଏ ଦେଶ ଗୋଟିଏ ଇଲେକସନ ବିଲ। ଏହି ବିଲ ଉପରେ ସଂସଦୀୟ ମିଳିତ କମିଟିରେ ଆଲୋନଚ୍ଚା ପରେ ଦୁଇ ସଦସରେ ଆଲୋଚ୍ଚନା ହେବ। ଦୁଇ ସଦନରେ ଗୃହୀତ ହେବାପରେ ବିଲକୁ ସ୍ୱାକ୍ଷର ଲାଗି ରାଷ୍ଟ୍ରପତିଙ୍କ ନିକଟରୁ ପଠାଯିବ। ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପରେ ଏହି ବିଲ ଆଇନରେ ପରିଣତ ହେବ। ଏହି ବିଲ ଆଇନରେ ପରିଣତ ହେଲେ ଆସନ୍ତା ୨୦୨୯ରୁ ଦେଶରେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ଲାଗୁ ହେବ। ସାଧାରଣ ନିର୍ବାଚନ ସହ ବିଧାନସଭା ନିର୍ବାଚନ ଗୋଟିଏ ସମୟରେ ହେବ।

# ୩୦ ବର୍ଷ ଆଗରୁ ଓଡିଶା ପ୍ରକାଶନରେ ଅଭ୍ୟୁଦୟ କରିଥିଲେ ଗୋଟିଏ ପିଢି ଆକର୍ଷିତ ହୋଇଥାନ୍ତେ: ସୌମ୍ୟ ପଟ୍ଟନାୟକ



ଭୁବନେଶ୍ୱର, ଭୁବନେଶ୍ୱର,୧୬।୧୨ (ପି.ଏନ): ମୁଦ୍ରଣ, ପରିପାଟୀ ଓ ପ୍ରଚାର ଦୃଷ୍ଟିରୁ ଓଡିଆ ପ୍ରକାଶନ ଏବେ ବିଶ୍ୱସ୍ତରର ପ୍ରକାଶନ ସଂସ୍ଥା ସହ ତାଳ ଦେଉଛି। ନୂଆ ପି ?ିର ପ୍ରକାଶକମାନେ ଯେଉଁ ଭଳି ଢଙ୍ଗରେ ପୁସ୍ତକ ପ୍ରକାଶ କରୁଛନ୍ତି ତାହା କୌଣସି ଗୁଣରେ ବର୍ତ୍ତମାନର ବିଶ୍ୱ ମାନଠାରୁ କମ ନୁହେଁ। ତେବେ ଏଇ ଗୋଟିଏ ଦଶନ୍ଧି ଧରି ଓଡିଶାର ପ୍ରକାଶନ କ୍ଷେତ୍ରରେ ଏ ଯେଉଁ ଅଭ୍ୟୁଦୟ ହୋଇଛି ତାହା ଯଦି ୩୦ ବର୍ଷ ଆଗରୁ ହୋଇଥାଆନ୍ତା ତେବେ ଗୋଟିଏ ପି ?ିକୁ ଆମେ ପୁସ୍ତକ ଆଡକୁ ଆକର୍ଷିତ କରି ପାରିଥାଆନ୍ତେ ଏବଂ ତାହା ଦ୍ୱାରା ଓଡିଆ ଭାଷା ସାହିତ୍ୟର ଯଥେଷ୍ଟ ଉନ୍ନତି ସାଧିତ ହୋଇଥାଆନ୍ତା ବୋଲି କହିଛନ୍ତି ସମ୍ବାଦ ଓ ଆମ ଓଡିଶାର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକ ।ଓଡିଶା ପ୍ରକାଶକ ସଂଘର ବାର୍ଷିକ ସମାରୋହକୁ ଉଦଘାଟନ କରି ପଟ୍ଟନାୟକ ଏକବିଂଶ ଶତାବ୍ଦୀର ଓଡିଆ ପ୍ରକାଶନ ଶିଳ୍ପକୁ ନେଇ ଆଶାବାଦୀ ଥିବା କହିଥିଲେ। ସେ କହିଥିଲେ ଯେ ଯୁଗେଯୁଗେ ପୁସ୍ତକର ଆଦର କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ସୀମିତ ଥିଲା। ଛାପାକଳ ଉନବିଂଶ ଶତାବ୍ଦୀରେ ଓଡିଶାକୁ ଆସିଲା, କିନ୍ତୁ ତା ପୂର୍ବରୁ ହଜାର ହଜାର ବର୍ଷ ଧରି ଓଡିଆ ଭାଷା ଓ ସାହିତ୍ୟ ବଂଚି ରହିଛି। ଏଣୁ ଡିଜିଟାଲ୍ ମାଧ୍ୟମକୁ ନେଇ ଆମେ ଆଦୌ ଆତଙ୍କିତ ହେବା ନାହିଁ ବୋଲି ସେ କହିଥିଲେ। ଓଡିଶା ପ୍ରକାଶକ ସଂଘର ସଦସ୍ୟ ପ୍ରକାଶକମାନେ ଓଡିଆ ପୁସ୍ତକ ପ୍ରକାଶନ ଓ ସାହିତ୍ୟ କ୍ଷେତ୍ରରେ ବିପ୍ଳବ ଆଣିଛନ୍ତି ବୋଲି ସେ କହିଥିଲେ।ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବ ମୁଖ୍ୟମଞ୍ଚରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ଓ ଚିନ୍ତକ ହରପ୍ରସାଦ ଦାସ କହିଥିଲେ ଯେ ଡିଜିଟାଲ ମାଧ୍ୟମ କେବେ ବି ମୁଦ୍ରଣର ବିକଳ୍ପ ହୋଇପାରିବ ନାହିଁ। ଡିଜିଟାଲ ମାଧ୍ୟମ ସୂଚନା ଓ ତଥ୍ୟ ଦେବ, କିନ୍ତୁ ସୃଜନ ପାଇଁ ପୁସ୍ତକ ହିଁ ସର୍ବଶ୍ରେଷ୍ଠ ମାଧ୍ୟମ। ଡିଜିଟାଲ ମାଧ୍ୟମରୁ ମଣିଷ ପୁଣି ମୁଦ୍ରିତ ଯୁଗକୁ ଲେଉଟିବ ବୋଲି ଶ୍ରୀ ଦାସ ଆଶାବ୍ୟକ୍ତ କରିଥିଲେ।

## କଥା ଦେଲେ ଦିସାନାୟକେ: କହିଲେ- ଭାରତ ବିରୋଧରେ ବ୍ୟବହାର ହେବନି ଶ୍ରୀଲଙ୍କାର ମାଟି

ଭୁବନେଶ୍ୱର,୧୬।୧୨(ପି.ଏନ): ଶ୍ରୀଲଙ୍କାର ରାଷ୍ଟ୍ରପତି ହେବା ପରେ ପ୍ରଥମଥର ଦିଲ୍ଲୀ ଗସ୍ତରେ ଆସିଥିବା ଅନୁରା କୁମାରା ଦିସାନାୟକେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବଡ ପ୍ରତିଶ୍ରୁତି ଦେଇଛନ୍ତି।ଶ୍ରୀଲଙ୍କା ଉପରେ ଚାଇନାର ଦବଦବା ବ ?ୁଥିଲେ ହେଁ ଭାରତ ବିରୋଧରେ ସିଂହଳ ଦେଶର ଇଞ୍ଚିଏ ମାଟିକୁ କେହି ବ୍ୟବହାର କରିପାରିବେ ନାହିଁ। ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା କୌଣସି ତତ୍ତ୍ୱକୁ ଶ୍ରୀଲଙ୍କାର ମାଟି କେବେ ହେଲେ ବ୍ୟବହାର କରିବାକୁ ଦିଆଯିବ



ବୋଲି ଦିସାନାୟକେ କହିଛନ୍ତି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ଦିସାନାୟକେ କହିଛନ୍ତି, “ଆଜି କିଛି ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

## ମହିଳାଙ୍କ ସୁରକ୍ଷା: ଦୋଷୀଙ୍କୁ ନପୁଂସକ କରିବାକୁ ସୁପ୍ରିମକୋର୍ଟରେ ଯୁକ୍ତି

ଭୁବନେଶ୍ୱର,୧୬।୧୨(ପିଏନ):ଦେଶରେ ମହିଳା, ଛୋଟ ପିଲା ଓ ତୃତୀୟ ଲିଙ୍ଗଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ଗାଇଡଲାଇନ ଆଣିବାକୁ ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ ଦାଖଲ କରାଯାଇଛି। ସୁପ୍ରିମକୋର୍ଟର ମହିଳା ଓକିଲ ଆସୋସିଏସନ ପକ୍ଷରୁ ହୋଇଥିବା ଏପରି ଆବେଦନର ଶୁଣାଣି ବେଳେ ରାସାୟନିକ ପ୍ରକ୍ରିୟାରେ ପୁରୁଷଙ୍କୁ ନପୁଂସକ କରିବାକୁ ମଧ୍ୟ ଯୁକ୍ତି ଉପସ୍ଥାପନ କରାଯାଇଛି। ତେବେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ଗାଇଡଲାଇନ ଆଣିବା ଦାବିରେ ହୋଇଥିବା ଆବେଦନର ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟକୁ ନୋଟିସ କରିଛନ୍ତି। ଏଥିସହ ଏହାର ଶୁଣାଣି ଜାନୁଆରୀ ମାସରେ ହେବ ବୋଲି କହିଛନ୍ତି।୨୦୧୨ ଦିଲ୍ଲୀ ନିର୍ଭୟା କାଣ୍ଡର ୧୨ ବର୍ଷ ପୂର୍ତ୍ତି ଅବସରରେ ସୁପ୍ରିମକୋର୍ଟରେ ମହିଳା ଓକିଲ ଆସୋସିଏସନ ପକ୍ଷରୁ ଏପରି ଆବେଦନ କରାଯାଇଥିଲା।











# ଟି ଟାଇମ୍



**ଜୋକ୍ସ**

ରାମୁ ରୋହିତ୍‌କୁ କହିଲା: ତତେ ପହଁରିବା ଆସେ।

ରୋହିତ: ନା ଆସେନି।

ରାମୁ: ତୋଠୁ ତ ମୋ କୁକୁର ଭଲ, ସେ ପହଁରି ପାରୁଛି।

ରୋହିତ୍: ତତେ ପହଁରିବା ଆସୁଛି ?

ରାମୁଁ : ହଁ

ରୋହିତ୍: ତାହେଲେ ତୋ କୁକୁର ଆଉ ତୋ ଭିତରେ ଫରକ କ’ଣ ରହିଲା।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେର୍କ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ବିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ । ପଙ୍ଗାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା । ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ତୁ’ ମୋତେ ନ ଖା’, ମୁଁ ତୋତେ ନଖାଏ

ଆମେ ଯେତେ ନିଶା ଖାଉ, ତା ମଧ୍ୟରେ ଧୂମପାନ ଅନ୍ୟତମ। ଧୂମପାନ ତମାଖୁ ସେବନର ଅନ୍ତର୍ଗତ। ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖିଦୃଶିଆ କଡ଼ା ଆଇନ୍ ନାହିଁ। ତମାଖୁ ସେବନ ଏବଂ ଧୂମପାନ କାରଣରୁ ଅଧୁନା ପୃଥିବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି। ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତି ସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ। ଆମ ଭାରତରେ ତମାଖୁ ସେବନଜନିତ ସଂଖ୍ୟା ଏବେ ୧୨କୋଟିରୁ ଉର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି। ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣାପଡ଼ିଛି ଯେ, ଭାରତର ୬୦ଲକ୍ଷ ହୃଦ୍‌ରୋଗୀଙ୍କ ମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମପାନ ସେବନଜନିତ ରୋଗୀ। ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ। ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇବ। ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦଳନା ପ୍ରବେଶ କରି ବିଭିନ୍ନ ରୋଗର କାରଣ ହୋଇଥାଏ। ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃଦ୍‌ଘାତରେ କାରଣ ହୋଇଥାଏ । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି । ଏହାର ମୁଖ୍ୟ କାରଣ ସେହି ଧୂମପାନ ଏବଂ ତମାଖୁ ସେବନ। ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମପାନ କରୁଛନ୍ତି। ଏହା ଏମିତି ଏକ ନିଶା, ଯାହା ଥରେ ମାତ୍ର ଅଭ୍ୟାସରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଥାଏ । ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ। ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା। ଆମେ ମନେରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ଟୋପାଏ ବିଷପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କ କଥା। ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷର ୬ରୁ ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ।

ଏବେ ତ ଉଭୟ ପୁରୁଷ ଏବଂ ମହିଳାମାନେ ତମାଖୁ ସହିତ ଧୂମପାନ କରୁଛନ୍ତି। ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀମାନଙ୍କ ସଂଖ୍ୟା ୪୪.୬%। ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣଧୂମପାନକାରୀ, ସେମାନେ ଘରେ ବା’ କର୍ମକ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫.୩୦% ହୃଦରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଅନ୍ତଃରାଷ୍ଟ୍ରୀୟ ଗବେଷଣାରୁ (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପଦାଙ୍କିତ କାରଣ ହୋଇଛି। ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ। ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସରର ଶିକାର ହୋଇଥାଆନ୍ତି । ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ। ଏତଦ୍‌ଭିନ୍ନ ମୁହଁ, ପେଟ ଓ କିଡ଼୍‌ନୀ କ୍ୟାନସର ହେବାର ସମ୍ଭାବନା ମଧ୍ୟ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି। ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ୍ୟ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡଲାର।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଆଜମା ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି। ଏସ୍.ଏଚ୍.ଏସ୍ ପ୍ରତି ଯୁବକମାନଙ୍କର ଉନ୍ମୁକ୍ତ, ହୃତପିଣ୍ଡ ଓ ଧମନୀ ରୋଗ, କୋରୋନରୀ ହୃଦୟ ରୋଗ ଏବଂ ବାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ।

୨ ଅକ୍ଟୋବର ୨୦୦୮ରେ ଭାରତ ସରକାର ସର୍ବସାଧାରଣ ସ୍ଥାନରେ “ଧୂମପାନ ନିଷେଧ” ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି। ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା। ଏହାକୁ ଧରାଇଦେବାରେ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବା ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି। ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି।

ଏସବୁ ସତ୍ତ୍ୱେ ଧୂମପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି। ଆଇନ୍ ତା’ ପୋଥି ଭିତରେ ନୀରବ। କର୍ମୀଙ୍କ କଥା ଛାଡ଼। ମଦ କୁହେ; ତୁମେମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି। ଏବେ ଧୂମପାନ କଥା ସେୟା, ଆମେ କ’ଣ କହିବା ଯେ ଧୂମପାନ ଆମକୁ ଖାଉ !

ଧୂମପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି। ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି। ଏହା ଏକ ସ୍ପର୍ଶକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି। ଏହା ଯଦି ହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ। ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସ ପାଇଁ ଏଣିକି ପ୍ୟାକେଟ୍‌ରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ। କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ। ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି। ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛା ହୁଏ। ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ। ପୂର୍ବରୁ ଏହାକୁ ଖିଲାପ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା। ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ୍ ୧୮ରୁ ୨୫କୁ ବୃଦ୍ଧି କରାଯାଇଛି। ଏହା କେତେଦୂର କାର୍ଯ୍ୟକାରୀ ହେବ, ତାହା କେବଳ ଦେଖିବାକୁ ବାକି ରହିଲା।

ପ୍ରତିବର୍ଷ ୧୧ ଅକ୍ଟୋବରକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ ଧୂମପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଯାଉଛି।

ଧୂମପାନ କେବଳ ଆମ ରୋଗର ଏକ ମାରାତ୍ମକ କାରଣ ନୁହେଁ। ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା। ଏ ନେଇ ଗାନ୍ଧି କହିଛନ୍ତି- ***“ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି। ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମପାନ ପାଇଁ ଏତେ ଆବେଗ କାହିଁକି ? ଧୂମପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ। -ସତ୍ୟ ସହିତ ମୋ ପରୀକ୍ଷା।”***

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ

ଆମ ଦେଶର ଜାତିଗତ ବିବାଦ ସଂପର୍କୀୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିରେ ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦସରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟାଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା। ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା। ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା। ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୬୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡସ୍କ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

# ବିଷାଦଗ୍ରସ୍ତ ଭାରତ

ବ୍ୟସ୍ତବହୁଳ ଜୀବନରେ ଜଞ୍ଜାଳମୟ ମୁହୂର୍ତ୍ତ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। କର୍ମକ୍ଷେତ୍ର ଠାରୁ ବୃତ୍ତିଗତ କ୍ଷେତ୍ର ସବୁଠି ବ୍ୟସ୍ତତା, ଅଶାନ୍ତି ଓ ବିଷାଦର ଚିହ୍ନ। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ବୁଲେଟିନର ତଥ୍ୟକୁ ଅନୁଯାୟୀ ଭାରତକୁ ଏକ ପ୍ରକାର ବିଷାଦମୟ ପରିବେଶ ସଂକ୍ରମିତ କରିଛି ବୋଲି ପରୋକ୍ଷରେ ତଥ୍ୟ ରଖିଛି। କେବଳ ସେତିକି ନୁହେଁ ସମାଜ ବିଜ୍ଞାନୀଙ୍କ ମତରେ ଭାରତକୁ କୁହାଯାଇଛି ଆତ୍ମହତ୍ୟାର ରାଜଧାନୀ। ଏହାର କାରଣ ଭାବେ ମେଡ଼ିକାଲ ରିସର୍ଚ୍ଚ ଆସୋସିଏସନ୍ ଦର୍ଶାଇଛି ଯେ ଭାରତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହୋଇ ପଡୁଛି। ଏହାର କାରଣ ଅନେକ। ଯୁବକମାନଙ୍କ ଭିତରେ ରହିଛି ପରୀକ୍ଷା ବା ଚାକିରୀ ପାଇବାରେ ବିଫଳତା ଏବଂ ବେକାରୀ। ପ୍ରେମଜନିତ ଆତ୍ମହତ୍ୟା ଘଟନା ବି ବେଶ୍ ବଢ଼ିବାରେ ଲାଗିଛି। ସେହିପରି ଘରଣୀମାନେ ମଧ୍ୟ ଆଗଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ପରେ ଆସୁଛନ୍ତି ବୃଦ୍ଧ ବା ବୃଦ୍ଧା। ବରିଷ୍ଠ ନାଗରିକମାନେ ମଧ୍ୟ ନିଃସଙ୍ଗତା ଓ ଆର୍ଥିକ ଅନଟନଜନିତ କାରଣରୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତର ପ୍ରାୟ ଦୁଇ ତୃତୀୟାଂଶ ଲୋକେ ସାମାନ୍ୟ ଭାବେ ବିଷାଦଗ୍ରସ୍ତ। କିନ୍ତୁ ଏକ ଚତୁର୍ଥାଂଶ ଭାରତ ଅତି ମାତ୍ରାରେ ବିଷାଦଗ୍ରସ୍ତ, ଯାହାକି ଆତ୍ମହତ୍ୟାର ମୁଖ୍ୟ କାରଣ। ଜଣାପଡ଼ିଛି ଯେ ଭାରତରେ ଏବେ ପ୍ରତି ପନ୍ଦର ମିନିଟ୍‌ରେ ତିନିଟି ଆତ୍ମହତ୍ୟା ଘଟନା ଘଟୁଛି। ଏହି ତିନିଟି ଭିତରୁ ୧୮ରୁ ୨୯ ବର୍ଷ ବୟସ ଭିତରେ ଯୁବକ ବା ଯୁବତୀଙ୍କ ସଂଖ୍ୟା ହେଉଛି ଗୋଟିଏ। ଭାରତକୁ ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯିବା ପଛରେ କାରଣ ହେଉଛି ପ୍ରତିବର୍ଷ ଯେତିକି ଆତ୍ମହତ୍ୟା ଘଟନା ରିପୋର୍ଟ ହେଉଛି ତା ସଂଖ୍ୟା ଏକ ଲକ୍ଷରୁ ଅଧିକ। ନ୍ୟାସନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟରୁ ଜଣା ପଡ଼ିଛି ଯେ ପ୍ରତିଟି ଆତ୍ମହତ୍ୟା ସଫଳ ହେବା ପଛରେ ରହିଥାଏ ପ୍ରାୟ ୧୨ଟି ବିଫଳ ଆତ୍ମହତ୍ୟାର ଉଦ୍ୟମ ହୋଇଥାଏ। ଜଣାପଡ଼ିଛି ଯେ ଭାରତରେ ବିଷ ପିଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ଏବେ ଆତ୍ମହତ୍ୟାର ଧାରାରେ ଯେଉଁ ପରିବର୍ତ୍ତନ ବିଷୟରେ ସୂଚନା ମିଳିଛି ତାହା ହେଲା, ଏବେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆତ୍ମହତ୍ୟାର ସଂଖ୍ୟା ବଢ଼ିଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଆତ୍ମହତ୍ୟାକୁ ରୋକିବାକୁ ହେଉଥିବା ବିଭିନ୍ନ ସ୍ତରୀୟ ଉଦ୍ୟମ ପରେ ସେଥିରେ କିଞ୍ଚିତ ରୋକ ଲାଗିଥିବାର ଦେଖାଯାଉଛି। ଶାସ୍ତ୍ର କହୁଛି ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ। କିନ୍ତୁ ସବୁକିଛି ଥାଇ ବି ଆମ୍ଭମାନଙ୍କ ଭିତରେ ବିଷାଦ କାହିଁକି ସ୍ଥାନ ପାଉଛି। ଜୀବନରେ ଅଭାବ ଯନ୍ତ୍ରଣା, ଅପମାନ ଠାରୁ ଅନେକ ଝଡ଼ଝଞ୍ଜାର ସ୍ଥାନ ରହିଛି। ସବୁଠି ପରିସ୍ଥିତିର ପ୍ରତିକୂଳକୁ ସାମ୍ନା କରି ଜୀବନ ପଥକୁ ଆଗକୁ ମାଡ଼ିଚାଲିବାର କଥା। ଆମ୍ଭେମାନେ ଚେଇଁ ଶୋଇଲା ପରି ସବୁକିଛି ଜାଣି ବି ଅଜଣା ପାଲଟୁଛେ। ବିଷାଦର ମୁଖ୍ୟ କ୍ଷେତ୍ର ହେଉଛି ହତାଶବୋଧ ଯାହାକି ଜୀବନର ଶେଷ ରାସ୍ତାରେ ମଣିଷଟିକୁ ପହଞ୍ଚାଇ ଦେଉଛି। ବାସ୍ତବାଦୀ ଜୀବନରେ ଦରଦାମ୍‌ର ବୋଝ, ପରିବାରକୁ ସମୟ ଦେଇନପାରି ବ୍ୟସ୍ତତାର ମାନସିକତା, କାର୍ଯ୍ୟକ୍ଷେତ୍ରରେ ଗୁରୁଦାୟିତ୍ୱ, ଇପ୍‌ସିତ ବସ୍ତୁ ବା ସମ୍ପତି ନପାଇବା, ତଥାକଥିତ ଭାଗ୍ୟବାଦୀ ଜ୍ୟୋତିଷଙ୍କ ପରାମର୍ଶରେ ଭାଗ୍ୟନାହିଁ ବିଚାର କରିବା ପରି ବିଭିନ୍ନ ପ୍ରକାର ମାନସିକତା କବଳିତ କରୁଛି ଲୋକଚରିତ୍ରକୁ। ସମାଜରେ ବିଷାଦଗ୍ରସ୍ତତା ସବୁଠାରୁ ବଡ଼ ବ୍ୟାଧି ବୋଲି ମହାପୁରୁଷ ସେମାନଙ୍କ ମାର୍ଗଦର୍ଶନରେ କହିଛନ୍ତି। ବିଷାଦତା ଏକ ରୋଗ ନୁହେଁ ବାସ୍ତବରେ ଏହା ଏକ ମାନସିକତା। କ୍ଷୁଦ୍ର କୁଟୀରରେ ରାଜଉଆଁସର ସୁଖ ଜଣେ ପାଇ ନପାରେ କିନ୍ତୁ ଶାନ୍ତି ତ ନିଶ୍ଚିତ ପାଇପାରିବ ! ତେବେ ଏ ସବୁ ଜାଣି କ’ଣ ପାଇଁ ବିଷାଦଗ୍ରସ୍ତ ସମାଜରେ ଆମ୍ଭେମାନେ ଜୀବନ ନିର୍ବାହ କରୁଛେ। ଆସନ୍ତୁ ବିଷାଦଗ୍ରସ୍ତତାକୁ ମନ ଭିତରୁ ଦୂର କରି ଜୀବନକୁ ଭଲ କାମ ପାଇଁ ଭଲ ରାସ୍ତାରେ ନେବା ସହ ବିଷାଦଗ୍ରସ୍ତ ଭାରତକୁ ବଦଳାଇବାରେ ଗୁଣ୍ଡୁଚି ମୂଷା ପରି ଜଣେ ନାଗରିକ ହିସାବରେ ଦାୟିତ୍ୱ ନିର୍ବାହ କରି ସମାଜର କଲ୍ୟାଣ ସାଧିତ କରିପାରିବା।

# ପ୍ରଧାନଶିକ୍ଷକ ସମ୍ମିଳନୀ ଉଦଯାପିତ

ପୁରୀ,(ପି.ଏନ): ଟାଉନ ହଲ ଠାରେ ଦୀର୍ଘ ୩ ଦିନ ଧରି ପରିଚାଳିତ ହେଉଥିବା ପୁରୀ ଜିଲ୍ଲା ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ ଆଜି ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୃହ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ା କ୍ଷେତ୍ରରେ ମଧ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଯତ୍ନବାନ ହେବାକୁ ପ୍ରେରଣା ଦେଇଥିଲେ। ପାଠରେ ଭଲ କରୁ ନ ଥିବା ଛାତ୍ର ମଧ କ୍ରୀଡ଼ା କ୍ଷେତ୍ରରେ ଭଲ କରି ଜୀବନ ଓ ଜୀବିକାକୁ ସାର୍ଥକ କରିପାରିବେ ବୋଲି ମତପୋଷଣ କରିଥିଲେ। ସମ୍ମାନୀତ ଅତିଥି ରୂପେ ପୁରୀ ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଉପସ୍ଥିତ ହୋଇ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନେ ସକ୍ରିୟ ହେଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ହେବା ସହ ସାମଗ୍ରିକ ବିକାଶ ସାଧିତ ହୋଇପାରିବ ବୋଲି କହିଥିଲେ। ଏନ୍ ସି ଆର ଟି ପ୍ରଫେସର ଲକ୍ଷ୍ମୀଧର ବେହେରା ୨୦-୨୦ ନ୍ୟାସନାଲ ଏଜୁକେସନ ପଲିସି ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ପୁରୀ ଜିଲ୍ଲା ସ୍କୁଲ୍ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ମିଶ୍ର ବିଦ୍ୟାଳୟର ପ୍ରାର୍ଥନା ସଭା ସୁପରିଚାଳନା ଓ ଅନ୍ୟାନ୍ୟ ଇନୋଭେଟିଭ୍ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସମଗ୍ର ଶିକ୍ଷା ବିଭାଗର ରମେଶ ଚନ୍ଦ୍ର ସାହୁ ଓ ବିଚିତ୍ରାନନ୍ଦ ଜେନା ପେଡାଗୋଜି ଓ ଅର୍ଥ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ପୁରୀ ଆରଟିଓ ରବୀନ୍ ପଟ୍ଟନାୟକ ସଡକ ନିରାପତା ଓ ଡିସିପିଓ, ମନୋଜ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ କ୍ରୀଡ଼ା, ସ୍କାଉଟସ୍ ଓ ଜୁନିୟର ରେଡ଼କ୍ରସ୍ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ବିଶ୍ୱଜିତ ଭୋଳ ପ୍ରୋଗ୍ରାମର, ପି ଏମ୍ ପୋଷଣ ଏମ୍ ଡି ଏମ୍ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ କାର୍ତିକେଶ୍ୱର ପ୍ରଧାନ ଭିନ୍ନକ୍ଷମ ପିଲାମାନଙ୍କ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସୁଶୀଲ କୁମାର ବ୍ରହ୍ମା ମଣ୍ଡଳ ଶିକ୍ଷାଧିକାରୀ, ଗୋପ, ଶିକ୍ଷାର୍ଥୀ ମାନଙ୍କ ବୀମା ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମର୍ଥ ସଂଯୋଜନା ଓ ସଭାପତି ତଥା ଜିଲ୍ଲା ଶିକ୍ଷାଧିକାରୀ ଡଃ. ବିଶ୍ୱଜିତ ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପ୍ରଧାନଶିକ୍ଷକ ରୂପଶ୍ରୀ ଛୋଟରାୟ ବିବରଣୀ ପାଠ କରିଥିଲେ ଓ ଶଙ୍କର କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଣ୍ଡା କେ.ବି. ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚମ୍ପୁଆ, (ପି.ଏନ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା କେ. ବି. ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଇଯାଇଛି । ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପାଟଣାର ପୂର୍ବତନ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ହୃଷିକେଶ ନାଏକ, ମୁଖ୍ୟବକ୍ତା ଭାବେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଦୀପକ କୁମାର ସାହୁ, ସମ୍ମାନିତ ଅତିଥି ବଡ଼ବିଲ-ରୁଙ୍ଗଟା ମାଇନ୍ସର ବରିଷ୍ଠ ପ୍ରବନ୍ଧକ ଚିନ୍ମୟ କୁମାର ମହାନ୍ତ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୈିଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ସଫଳତାର ସିଡି ଚଢ଼ିବାକୁ ହେଲେ ସ୍ୱପ୍ନ, ବିଶ୍ୱାସ, ଅଭ୍ୟାସ ଓ ସିଷ୍ଟମ୍ କୁ ଅନୁସରଣ କରିବାକୁ ପଡ଼ିବ ବୋଲି ଦିଗଦର୍ଶନ ଦେଇଥିଲେ। କଠିନ ପରିଶ୍ରମ କରି, ଭଲ ପାଠ ପଢ଼ି ବିଦ୍ୟାଳୟ ତଥା ଦେଶର ସୁନାମ ଆଣିବାକୁ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ।

# ବ୍ରହ୍ମା କୁମାରୀ ଗୀତା ପାଠଶାଳାର ରୌପ୍ୟ ଜୟନ୍ତୀ ସମାରୋହ

ଗଞ୍ଜାମ, (ପି.ଏନ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ଦ୍ୱାରା ସ୍ଥାପିତ ତଥା ପରିଚାଳିତ ପିତଳ ତେଲିସାହି ସ୍ଥିତ ବ୍ରହ୍ମାକୁମାରୀ ଗୀତା ପାଠଶାଳାର ସ୍ଥାପନାର ୨୫ତମ ସ୍ୱନକ୍ଷତ୍ର ଦିବସ ତଥା ରୌପ୍ୟ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ତଥା ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତିଙ୍କ କରକମଳରେ ଶିବଧ୍ୱଜା ଉତୋଳନ କରିବା ପରେ ଶତାଧିକ ଭଉଣୀ ଭାଇ ଶିବ ସନ୍ଦେଶ ଦେବା ଉଦ୍ଦେଶ୍ୟରେ ଶାନ୍ତି ଯାତ୍ରାରେ ପିତଳ, ତ୍ଥର, ବ୍ରାହ୍ମଣ ଛାଇ, ଆମ୍ବିଳାପଲ୍ଲୀ ଓ ପଙ୍କଳବାଡି ଆଦି ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପିତଳ ତେଲି ସାହି ସ୍ଥିତ ଗୀତା ପାଠଶାଳା ସମ୍ମୁଖରେ ଏକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଧରାକୋଟର ପୂର୍ବତନ ସରପଂଚ ମନୋଜ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି, ଜିଲ୍ଲା ପରିଷଦ ପ୍ରତିନିଧି ବରୁଣ କୁମାର ପଲାଇ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ, ସହଜ ରାଜଯୋଗ ଅଭ୍ୟାସ କରି ବିଗତ ୨୫ ବର୍ଷ ମଧ୍ୟରେ ପିତଳ ଗ୍ରାମପଂଚାୟତର ଶତାଧିକ ଭଉଣୀ ଭାଇଙ୍କ ସରଳ, ନିରାଡମ୍ବର, ସାତ୍ତ୍ୱିକ ଜୀବନଶୈଳୀ ଅଂଚଳବାସୀଙ୍କ ପାଇଁ ଆଦର୍ଶ ବନିଛି। ସମ୍ମାନିତ ଅତିଥି ଧରାକୋଟ ପୂର୍ବତନ ସରପଂଚ ମନୋଜ ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି ବ୍ରହ୍ମାକୁମାରୀ ମୁଖ୍ୟାଳୟ ମାଉଂଟ ଆବୁ ଦର୍ଶନ ସମୟର ଅନୁଭୂତି ପ୍ରକାଶ କରିଥିଲେ। ସମସ୍ତଙ୍କ ଗହଣରେ ରଜତ ଜୟନ୍ତୀ ଉପଲକ୍ଷେ ପରମାତ୍ମାଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବ୍ରହ୍ମାକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର ପଂଚାନନ, ପଂଚାୟତ୍ରି, ରାମପ୍ରସାଦ, ଲୋଚନ, ରାଧାଶ୍ୟାମ ଓ ବ୍ରହ୍ମାକୁମାରୀ ଲୀଳା, ଭାଗ୍ୟ, ସୁଜ୍ଞାନୀ, ସ୍ମିତା, ସୁମିତ୍ରା, କସ୍ତୁରି, ସବିତା ତଥା ଅନ୍ୟାନ୍ୟ ଭଉଣୀ ଭାଇ ପରିଚାଳନାରେ ସହଯୋଗ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଡିସେମ୍ବର ୧୭**

# ଅବିସ୍ମରଣୀୟ ଜନନାୟକ ଡକ୍ଟର ମହତାବ



ହିମାଂଶୁ ଶେଖର ଆଚାର୍ଯ୍ୟ

ସମୟ ଓ ଜୁଆର କାହାକୁ ଅପେକ୍ଷା କରେନାହିଁ । ବିସ୍ମୃତିର ପାଣିକନା ସମୟ ସ୍ଲେଟରୁ ଅନେକ ଲେଖା ପୋଛିଦେଲେବି ଏମିତି କିଛି ଲେଖା ରହିଯାଏ ଯାହା ପୋଛି ହୁଏନା । ତାହା ସ୍ମୃତି ହୋଇ ରହିଯାଏ । ଏହିଭଳି ଏକ ଅଲିଭା ସ୍ମୃତି ହେଉଛି ପ୍ରଖ୍ୟାତ ଜନନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ,ସୁସାହିତ୍ୟିକ,ଦକ୍ଷ ସଂପାଦକ ତଥା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କଥା ଓ ଗାଥା । ଏହି ଯୋଗଜନ୍ମା ବରପୁତ୍ର ଜନ୍ମ ନେଇଥିଲେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ । ତାଙ୍କର ୮୮ ବର୍ଷର କର୍ମମୟ ଓ ଘଟଣାବହୁଳ ଜୀବନର ଅବସାନ ଘଟିଲା ୧୯୮୭ ମସିହା ଜାନୁୟାରୀ ୨ ତାରିଖରେ ।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବାଲ୍ୟ କାଳରୁ ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭାର ଉନ୍ମେଷ ହୋଇଥିଲା ।ଓଡିଶାର ରାଜନୀତି, ଶିକ୍ଷା,ସାହିତ୍ୟ, ସମାଜସେବା ଓ ସାମ୍ବାଦିକତା– ସମସ୍ତ କ୍ଷେତ୍ରରେ ସେ ନିଜର ପଦାଙ୍କ ଛାଡି ଯାଇଛନ୍ତି । ଓଡିଶାର ପୂର୍ଣ୍ଣାଙ୍ଗ ଇତିହାସ ରଚନା କରି ସେ ହୋଇଯାଇଛନ୍ତି ଯୁଗପୁରୁଷ । ଖାଲି ସେତିକି ନୁହେଁ, ଥରେ ସିଏ ଯାହା ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ କରି ଦେଖାଉଥିଲେ । ଏଥିରୁ ତାଙ୍କୁ କେହି ବିଚ୍ୟୁତ କରିପାରୁନଥିଲେ । ଏପରିକି ତାଙ୍କ ବ୍ୟତିରେକ ଓଡିଶା ରାଜନୀତିର କୌଣସି ସଂଜ୍ଞା, ସ୍ଥିତି ନାହିଁ । ସମସ୍ତ ଉଲ୍ଲେଖଯୋଗ୍ୟ ରାଜନୀତିକ ଉତ୍ଥାନ-ପତନରେ ତାଙ୍କର ହାତଥିବା ଅନେକ ବିଶ୍ୱାସ କରୁଥିଲେ । ସତରେ ସେ ଥିଲେ ଏକ ରାଜନୀତିକ ବିସ୍ମୟ, ଯାହାଙ୍କ ଚିନ୍ତାରେ, କଥାରେ, ଲେଖାରେ ଓ କାର୍ଯ୍ୟରେ ଗୋଟିଏ ଜାତିର ଶ୍ୱାସ-ପ୍ରଶ୍ୱାସ ଏମିତି ସ୍ପନ୍ଦିତ ହେଉଥିଲା ।ସେ ଖାଲି ଜଣେ ବ୍ୟକ୍ତି ବିଶେଷ ନଥିଲେ, ଥିଲେ ଏକ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ ।

ଡକ୍ଟର ମହତାବଙ୍କ କର୍ମମୟ,ସଂଗ୍ରାମୀ ଓ ରାଜନୈତିକ ଜୀବନ ବେଶ୍ ଚଳଚ ଳ ଥିଲା । ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁ ପ୍ରାୟ ଅର୍ଦ୍ଧସତାବ୍ଦି ଧରି ୧୯୨୪ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୩୭ ମସିହାରେ ରାଜ୍ୟ କଂଗ୍ରେସର ସଭାପତି ଭାବେ ସଂଗଠନରେ ପାଦ ଥାପିଥିଲେ ସେ । ପରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତି ସଭ୍ୟରୂପେ ତାଙ୍କୁ ମନୋନୀତ କରାଯାଇଥିଲା । ଏହି ସମୟରେ ନିଜର ଅପୂର୍ବ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ୧୯୪୬ରୁ ୧୯୫୦ମସିହା ପର୍ଯ୍ୟନ୍ତ ସେ ଓଡିଶାର ପ୍ରଧାନମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହ ପରବ ର୍ତ୍ତୀ ପର୍ଯ୍ୟାୟରେ ୧୯୫୬ ମସିହାରେ ଦ୍ୱିତୀୟ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ୧୯୬୧ ମସିହା ପର୍ଯ୍ୟନ୍ତ ସେଥିରେ ଅବସ୍ଥାପିତ ହୋଇଥିଲେ । ସେହିପରି ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ରୂପେ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ । ୧୯୫୫-୧୯୫୬ ମସିହାରେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଡକ୍ଟର ମହତାବ ହିଁ ଲାଭ କରିଥିଲେ । ୧୯୬୨ ମସିହାରେ ଯେଉଁ ତିନିଜଣ ସଦସ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ତନ୍ମଧ୍ୟରୁ ମହତାବ ଥିଲେ ଜଣେ । ସେହିପରି ୧୯୬୬ ମସିହାରେ କଂଗ୍ରେସ ଦଳ ତ୍ୟାଗ ପରେ ୧୯୬୭,୧୯୭୧ ଓ ୧୯୭୪ ମସିହାରେ ସେ ମଧ୍ୟ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

ମହତାବଙ୍କ ଶାସନକାଳ ଓଡିଶା ପାଇଁ ଏକ ସୁବର୍ଣ୍ଣଯୁଗ ଥିଲା କହିଲେ ଭୁଲ୍ ହେବ ନାହିଁ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା । ଆଧୁନିକ ଓଡିଶାର ନିର୍ମାତା ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଗଡଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡିଶା ଟେକ୍ସଟାଇଲ୍ ମିଲ୍ ,କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚ ପ୍ରଶଂସିତ । ବିଶେଷ କରି ଓଡିଶାକୁ ମହତାବଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି ହୀରାକୁଦ ବନ୍ଧ । ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ଭରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଭି ି ପ୍ରସ୍ତର ସ୍ଥାପନ କରିଥିଲେ । ଓଡିଶାରେ ହାଇକୋର୍ଟ ପ୍ରତିଷ୍ଠା ଦିଗରେ ମହତାବ ଆଶୁ ପଦକ୍ଷେପ ନେଲେ । ସୁପ୍ରିମକୋର୍ଟର ସେତେବେଳର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା । ଓଡିଶାରେ ଖେଳ କସରତକୁ ପ୍ରୋତ୍ସାହନ ଦେବାପାଇଁ ମହତାବଙ୍କ ଅବଦାନ ବହୁତ ବେଶୀ । ଓଡିଶା ଅଲମ୍ପିକ ଆସୋସିଏସନ୍ ତାଙ୍କ ଉଦ୍ୟମରେ ଗଠିତ ହୋଇଥିଲା । ସେ ଶେଷ ପର୍ଯ୍ୟନ୍ତ ତାର ସଭାପତି ଥିଲେ । ବାରବାଟୀ ଷ୍ଟାଡିୟମ୍ ନିର୍ମାଣରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ରାଜନୀତି ଓ ସାହିତ୍ୟ ସାଧନା ସହିତ ମହତାବ ସାମ୍ବାଦିକତାକୁ ନିଜ ଜୀବନର ଅଙ୍ଗ ବୋଲି ଭାବିନେଇଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ "ପ୍ରଜାତନ୍ତ୍ର" । ୧୯୨୩ ମସିହାରେ ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶ ପାଇବା ପରେ ୧୯୪୬ ମସିହାଠାରୁ ଏହା ଦୈନିକ ପ୍ରକାଶ ପାଇଆସୁଅଛି । ପ୍ରଜାତନ୍ତ୍ରର ବହୁ ବିଭାଗ ଦେଖିବାକୁ ମିଳେ । ଏହାର ଆଉ ଏକ ଆକର୍ଷଣୀୟ ବିଭାଗ ଥିଲା ଗାଁ -ମଜଲିସ୍ । ଏହାକୁ ମହତାବ ନିଜେ ଲେଖୁଥିଲେ । ଏଥିରେ ଦୁଃଖୀ, ଦରିଦ୍ର, ଶୋଷିତ ଜନସାଧାରଣଙ୍କ ପାଇଁ ସମବେଦନାର ଉଚ୍ଛ୍ୱାସ ଦେଖିବାକୁ ମିଳୁଥିଲା । ଏତଦ୍‌ବ୍ୟତିତ ଶିଶୁପତ୍ରିକା ମୀନାବଜାର ଓ ଝଙ୍କାରର ସେ ସ୍ରଷ୍ଟା ଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତିର ସଭାପତି ଥାଇ ସେ ସାରସ୍ୱତ ବିଷୁବ ମିଳନର ପରିକଳ୍ପନା କରିଥିଲେ । ପ୍ରତିବର୍ଷ ଏହି ଉତ୍ସବରେ କବି, ଲେଖକ ଓ ସାହିତ୍ୟିକମାନେ ସମ୍ବର୍ଦ୍ଧିତ ହେଉଛନ୍ତି ।ଏବେ ମଧ୍ୟ ବିଷୁବ ମିଳନ ସମାରୋହରେ ତାଙ୍କ ଶୂନ୍ୟତା ବେଶ୍ ବାରିହୋଇପଡେ ।

ମହତାବଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ସେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ । ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲେଖନୀ ଚାଳନାରୁ ସେ ବିରତ ହୋଇନଥିଲେ । ତାଙ୍କର ପ୍ରବନ୍ଧଗୁଡିକ ଯେପରି ଭାବୋଦ୍ଦୀପକ, ତାଙ୍କ ଉପନ୍ୟାସଗୁଡିକ ସେପରି ପ୍ରାଣବନ୍ତ ଥିଲା । ଏଥିସହିତ ଗଳ୍ପ, ଏକାଙ୍କିକା ଓ କାବ୍ୟ କବିତା ଲେଖିବାରେ ସେ ମାହିର ଥିଲେ । ତାଙ୍କର ପ୍ରକାଶିତ ଉପନ୍ୟାସ ଗୁଡିକ ହେଲା ପ୍ରତିଭା, ଅବ୍ୟାପାର, ନୂତନ ଧର୍ମ, ଟାଉଟର, ତୃତୀୟ ପର୍ବ ଓ ୧୯୭୫ । ପ୍ରବନ୍ଧଗୁଡିକ ଭିତରେ ରହିଛି ସମାଜ ଉପରେ ସାହିତ୍ୟର ପ୍ରଭାବ, ହଜାରେ ବର୍ଷରେ ଓଡ଼ିଆ ସାହିତ୍ୟ, ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଅବଦାନ, ଗୀତା ଓ ଜନତା ଓ ସାହିତ୍ୟ ଓ ରାଜନୀତି । ବହୁ ବିଶିଷ୍ଟ ଲୋକଙ୍କ ପରି ସେ ଆତ୍ମଜୀବନୀ ଲେଖିଛନ୍ତି – 'ସାଧନାର ପଥେ' । ଏହା ଉଚ୍ଚକୋଟୀର ଆତ୍ମଜୀବନୀ । ବିଶେଷକରି ତାଙ୍କ ରଚିତ 'ଓଡିଶା ଇତିହାସ' ଏକ ଅନନ୍ୟ ସୃଷ୍ଟି ଯାହା ଭବିଷ୍ୟତ ଗବେଷକମାନଙ୍କୁ ଯୁଗଯୁଗ ଧରି ପ୍ରେରଣା ଦେଇଆସୁଥିବ । ଐତିହାସିକ ମଜୁମ୍‌ଦାରଙ୍କ ଭାଷାରେ ଓଡିଆ ଭାଷାରେ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଯେଉଁ କେତୋଟି ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇଛି, ତନ୍ମଧ୍ୟରୁ 'ଓଡିଶା ଇତିହାସ' ଶ୍ରେଷ୍ଠ ଗ୍ରନ୍ଥ । ଏଥିପାଇଁ ୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୮ ମସିହାରେ ସାଗର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧିରେ ଭୂଷିତ କରିଥିଲେ ।

ଡକ୍ଟର ହରେକୃଷ୍ଣ ମହତାବ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜନମାନସରେ ସେ ଚିରଦିନ ସ୍ମରଣୀୟ ହୋଇରହିବେ ।ହେଲେ ସେଦିନର ସାଧନା ସବୁ ସ୍ୱପ୍ନିଳ,ସଂକଳ୍ପ ଅଭିଧାନଗତ । ଆଗକୁ ବହୁଦୂର ଯିବାକୁ ହେବ । ଅନେକ ଆହ୍ୱାନ ଆମ ସାମ୍ନାରେ ରହିଛି, ତାକୁ ସାହସର ସହିତ ମୁକାବିଲା କରିବାକୁ ହେବ । ଉତ୍କଳ କେଶରୀଙ୍କ ଆଦର୍ଶରେ ଆମେ ଅନୁପ୍ରାଣିତ ହେଲେ ଦେଶ ଓ ଜାତିର ଉନ୍ନତି ହେବ । ଏଥିରେ ସନ୍ଦେହର ଅବକାଶ ନାହିଁ ।

*ସଭାପତି*
*ସାରସ୍ୱତ ପରିଷଦ,ଜଗତସିଂହପୁର*
*ମୋ - ୯୯୩୭୧୫୧୦୫୨*

# ସୁନାର ଦର ବଢ଼ିବା କମିବା କ'ଣ ଟ୍ରମ୍ପଙ୍କ ନୀତି ପାଇଁ ?



ଗୋପାଳ ମହାପାତ୍ର

ଡ଼ୋନାଲ୍ଡ ଟ୍ରମ୍ପ ୨ୟ ଥର ଆମେରିକାର ରାଷ୍ଟ୍ରପତି ହେବେ । ୨୦୧୬ ମସିହା ନଭେମ୍ବର ୮ ତାରିଖରେ ଟ୍ରମ୍ପ ପ୍ରଥମ ଥର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ସେ ସମୟରେ ଭାରତରେ ୧୦ଗ୍ରାମ ସୁନାର ମୂଲ୍ୟ ବା ଦର ଥିଲା ୩୦୦୧୦ ଟଙ୍କା । ଟ୍ରମ୍ପ ନିର୍ବାଚିତ ହେବା ପରେ ସୁନାର ମୂଲ୍ୟ କମିଲା ଏବଂ ନଭେମ୍ବର ୩୦ ତାରିଖ ବେଳକୁ ୧୦ ଗ୍ରାମ ଦର ୨୮୦୧୦ ସେ ପହ ୍ଯାଇଥିଲା । ୮ ବର୍ଷ ପରେ ଟ୍ରମ୍ପ ୨ୟ ଥର ପାଇଁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଟ୍ରମ୍ପ ନିର୍ବାଚିତ ହେବା ପରେ ଭାରତରେ ସୁନାର ଦର ମଧ୍ୟ କମିଛି । ବିଗତ ୧୫ ଦିନ ମଧ୍ୟରେ ୭୮୪୪୬ରୁ କମି ୭୩୭୩୯ ଟଙ୍କାରେ ପହ ୍ଛି । ଇଣ୍ଡିଆ ବୁଲିୟାନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ ଅନୁସାରେ ଦୀପାବଳୀର ଠିକ ଦିନକ ପୂର୍ବରୁ ଅର୍ଥାତ୍ ୨୦୨୪ ମସିହା ଅକ୍ଟୋବର ୩୦ ତାରିଖରେ ଭାରତରେ ୧୦ ଗ୍ରାମ ସୁନାର ଦର ୭୯୬୮୧ ଟଙ୍କାରେ ପହ ୍ଥିଲା । ଏହା ଥିଲା ଭାତରେ ସର୍ବକାଳୀନ ଅଧିକ ମୂଲ୍ୟ ବା ଦର । ଦୀପାବଳି ଦିନ ଠାରୁ ସୁନାର ଦର କମିବାରେ ଲାଗିଲା । ପ୍ରାରମ୍ଭରେ ଦର କମିବାର ହାର ଧିମା ଥିଲା କି ୁ ତା ପରେ ୫ ଦିନ ମଧ୍ୟରେ ପ୍ରତି ୧୦ ଗ୍ରାମ ସୁନାର ମୂଲ୍ୟ ହଜାରେ ଟଙ୍କା କମିଲା । କି ୁ ନଭେମ୍ବର ୬ରେ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ଜିତିବା ପରେ ଦର କମିବାରେ ଲାଗିଲା ଓ ଏବେ ୧୦ ଗ୍ରାମ ସୁନାର ମୂଲ୍ୟ ୭୩୭୩୯ ଟଙ୍କାରେ ପହ ୍ଛି । ଆଗକୁ ଆଉ କେତେ କମିବ ବା ବଢ଼ିବ ସେ କଥା କହିବା ମୁସ୍କିଲ । କାରଣ ହେଉଛି ସୁନାର ଦର ବା ମୂଲ୍ୟ କୌଣସି ଦେଶ ସ୍ଥିର କରିପାରିବେ ନାହିଁ । ଏହାର ଦର ଆ ର୍ଯାତୀୟ ସ୍ତରରେ ଭାରତ ଠାରୁ ୮ ହଜାର କିଲୋମିଟର ଦୁର ଲଣ୍ଡନର ବୁଲିୟନ ମାର୍କେଟ ଆସୋସିଏସନ (ଏଲ୍‌ବିଏମ୍‌ଏ) ସ୍ଥିର କରିଥାଏ ଓ ନିୟନ୍ତ୍ରଣ କରିଥାଏ । ଏହି ବୁଲିୟନ ମାର୍କେଟ ଆସୋସିଏସନ ଅନ୍ୟ ଦେଶ ମାନଙ୍କ ସହ ମିଶି କାମ କରିଥାଏ । ୨୪ କ୍ୟାରେଟ ଶୁଦ୍ଧ ସୁନାର ପ୍ରତି ଆଉନ୍ସ ର ଦର ଡ଼ଲାରରେ ସ୍ଥିର କରାଯାଇଥାଏ । ଏକ ଆଉନ୍ସ ହେଉଛି ୨୮.୩ ଗ୍ରାମ ।

ଲଣ୍ଡନର ବୁଲିୟାନ ମାର୍କେଟ ଆସୋସିଏସନ ଅକ୍ଟୋବର ୩୦ ପରଠାରୁ ସୁନାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ କରୁଛି । ୨୦୨୪ ଅକ୍ଟୋବର ୩୦ ରେ ଲଣ୍ଡନର ବୁଲିୟନ ମାର୍କେଟ ଆସୋସିଏସନରେ ସୁନାର ପ୍ରତି ଆଉନ୍ସ ଦର ୨୭୮୪ ଡ଼ଲାର ଥିଲା । ୧୪ ନଭେମ୍ବର ସୁଦ୍ଧା ଏହି ଦର ୨୫୪୮ ଡ଼ଲାର କୁ ଖସି ଆସିଥିଲା । ସାରା ବିଶ୍ୱ ପାଇଁ ଏହି ଦର ଲାଗୁ । ସୁନାଦର କମିବାର ୪ଟି ମୁଖ୍ୟ କାରଣ ରହିଛି । ପ୍ରଥମ କାରଣ ହେଉଛି ଡ଼ଲାର ମଜଭୁତ ହେଲେ ସୁନାର ଆବଶ୍ୟକତା କମିଥାଏ । ଟ୍ରମ୍ପଙ୍କ ବିଜୟପରେ ଡ଼ଲାର ମୂଲ୍ୟ (ବିନିମୟ ମୂଲ୍ୟ) ବଢ଼ିବାର ଦେଖାଯାଇଥିଲା । ଟ୍ରମ୍ପଙ୍କ ବିଜୟର ୧୦ ଦିନ ମଧ୍ୟରେ ଡ଼ଲାର ଇଣ୍ଡେକ୍ସ ୭ ପ୍ରତିଶତ ମଜଭୁତ ହୋଇଥିଲା । ଡ଼ଲାର ର ଇଣ୍ଡକ୍ସରେ ବିଶ୍ୱର ଅନ୍ୟ ଦେଶ ମାନଙ୍କ ମୁଦ୍ରା/ କରେନ୍ସିର ବିନିମୟ ମୂଲ୍ୟ ସ୍ଥିର କରାଯାଇଥାଏ । ସାଧାରଣତଃ ସାରା ବିଶ୍ୱରେ ବଡ଼ ବଡ଼ ସ୍ତରରେ ବା ଅନ୍ୟ ଅର୍ଥରେ ଧନପତି ମାନେ ସୁନା ବା ଡ଼ଲାରରେ ପୁଂଜି ନିବେଶ କରିଥା ି । ଯେତେବେଳେ ଆମେରିକୀୟ ଡ଼ଲାର ମଜଭୁତ ହୁଏ ସେତେବେଳେ ସୁନାର ଦର କମିଯାଏ । ନିବେଶକଙ୍କ ମତରେ ଟ୍ରମ୍ପ ରାଷ୍ଟ୍ରପତି ହେଲେ ଡ଼ଲାର ମଜଭୁତ ହେବ ଏଣୁ ଡ଼ଲାରରେ ନିବେଶ ଲାଭ ଜନକ ହେବ । ସୁନାର ନିବେଶ କମିବା କାରଣରୁ ଏହାର ଦର/ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି । ଏତଦ୍ ବ୍ୟତୀତ ଆମେରିକୀୟ ବ୍ୟାଙ୍କ ସୁଧ ହାରକୁ ନେଇ ଅନେକ ପରିବ ର୍ନ କରିଛନ୍ତି । ସୁଧ ହାରରେ ୨ ପ୍ରତିଶତ ବଦଳରେ ୦.୭୫ ପ୍ରତିଶତ କମିବାର ସମ୍ଭାବନା ରହିଛି । ଏହି କାରଣରୁ ଡ଼ଲାର ମଜଭୁତ ହେବାରେ ଲାଗିଛି । ଦ୍ୱୀତୀୟ କାରଣ ହେଉଛି କ୍ରିପ୍ଟୋ କରେନ୍ସି ପାଇଁ ଲୋକଙ୍କ ଆଗ୍ରହ ବଢ଼ିବାରୁ ସୁନା ଉପରୁ ନିବେଶକ/ ଲୋକଙ୍କ ନଜର ହଟିବାରେ ଲାଗିଛି । ଏବେ କ୍ରିଷ୍ଟୋ କରେନ୍ସି ବଜାର ବଢ଼ିବାରେ ଲାଗିଛି । ନଭେମ୍ବର ୧୪ ତାରିଖ ସୁଦ୍ଧା ଏକ 'ବିଟକଏନ'ର ମୂଲ୍ୟ ୯୧୪୫୧.୬୦ ଡ଼ଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୭୭.୨୫ ଲକ୍ଷ ଟଙ୍କାରେ ପହ ୍ଥିଲା । କେବଳ ୧୦ ଦିନ ମଧ୍ୟରେ ବିଟ୍‌କଏନର ମୂଲ୍ୟ ୩୬.୪୦ ପ୍ରତିଶତ ବଢ଼ିଥିଲା । କେତେକ ଅର୍ଥଶାସ୍ତ୍ର ବିଶେଷଜ୍ଞଙ୍କ ମତରେ ଅନେକ ନିବେଶକ ଏବେ ସୁନା ବଦଳରେ କ୍ରିପ୍ଟୋକରେନ୍ସିରେ ପୁଂଜି ନିବେଶ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।

ଅନ୍ୟ ଏକ କାରଣ ବା ୩ୟ କାରଣ ହେଉଛି ଜିଓ ପଲିଟିକାଲ ପ୍ରସଙ୍ଗ ହ୍ରାସ । ବିଗତ କିଛି ବର୍ଷ ହେବ ସାରା ବିଶ୍ୱରେ ଜିଓପଲିଟିକାଲ ଅସ୍ଥିରତା ବଢିବାରେ ଲାଗିଛି । ଅସ୍ଥିରତା ସମୟରେ ସୁନାରେ ପୁଂଜି ନିବେଶକୁ ସୁରକ୍ଷିତ ବୋଲି ଗ୍ରହଣ କରାଯାଇଥାଏ । ଋଷ- ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ- ହମାସ ଯୁଦ୍ଧ କାରଣରୁ ସୁନାର ଦର କ୍ରମାଗତ ଭାବେ ବଢିବାରେ ଲାଗିଥିଲା କି ୁ ବିଗତ ୧୫ ଦିନ ମଧ୍ୟରେ ନୂଆ ଯୁଦ୍ଧ ଆରମ୍ଭ ହୋଇନାହିଁ । ଅନ୍ୟ ପକ୍ଷରେ ଟ୍ରମ୍ପଙ୍କ ୟୁକ୍ରେନ ନୀତି ଓ ମଧ୍ୟ ଏସୀୟ ନୀତି ମଧ୍ୟ ସୁନା ଦର କମିବାର ଅନ୍ୟ ଏକ କାରଣ । ଶେଷ ବା ୪ର୍ଥ କାରଣ ହେଉଛି ମୁନାଫା ବା ଲାଭ ଅସୁଲି ସହ ସୁନା ମୂଲ୍ୟର ସମ୍ପର୍କ । ୨୦୨୪ ମସିହା ଆରମ୍ଭ ବା ଜାନୁୟାରୀ ୧ ତାରିଖଠାରୁ ଅକ୍ଟୋବର ୩୦ ମଧ୍ୟରେ ସୁନାର ଦର ୨୦ ପ୍ରତିଶତରୁ ଅଧିକ ବଢିଯାଇଥିଲା । ଉତ୍ସବ ଋତୁରେ ସୁନାର ଡିମାଣ୍ଡ ବା ଆବଶ୍ୟକତା ଅଧିକ ବଢିଯାଇଥିଲା । ଦୀପାବଳୀ ପରଠାରୁ ଏଥିରେ ବ୍ୟତିକ୍ରମ ଘଟିଲା ଏଣୁ ସୁନା ମୂଲ୍ୟ କମିଲା ।

ବଜାର ବିଶେଷଜ୍ଞ ମାନଙ୍କ ମତରେ ସୁନାର ମୂଲ୍ୟ ଆହୁରି ୨ରୁ ୩ ସପ୍ତାହ ପର୍ଯ୍ୟ କମିପାରେ । ୧୦ ଗ୍ରାମ ୨୪ କ୍ୟାରେଟ ବା ଶୁଦ୍ଧ ସୁନର ମୂଲ୍ୟ ୭୧ ହଜାର ପର୍ଯ୍ୟ ଆସିପାରେ । ଜାନୁୟାରୀ ମାସ ଶେଷ ସୁଦ୍ଧା ଆଭୁଷଣ ବଜାରରେ ସ୍ଥିରତା ଆସିବାର ସମ୍ଭାବନା ରହିଛି କାରଣ ସେତେବେଳକୁ ଟ୍ରମ୍ପଙ୍କ ନୀତିକୁ ନେଇ ସ୍ପଷ୍ଟ ଚିତ୍ର ଆସିଯାଇଥିବ । ଏହା ପରେ ଟ୍ରମ୍ପଙ୍କ ଷ୍ଟ୍ରାଟେଜି ଅନୁସାରେ ମାର୍କେଟରେ ଟ୍ରେଡ୍ ୱାର (ବ୍ୟବସାୟିକ ଯୁଦ୍ଧ) ଚାଲିପାରେ । ଏଣୁ ସୁନାର ମୂଲ୍ୟ କେତେବେଳେ ବଢ଼ିବ ତ ପୁଣି କେତେବେଳେ କମିବ, ଏପରି ଅବସ୍ଥା ଲାଗି ରହିପାରେ ।

ଆସ ା ବର୍ଷ ଅର୍ଥାତ୍ ୨୦୨୫ରେ ଭାରତରେ ସୁନାର ଦର ବଢ଼ିବ ବୋଲି ଆକଳନ କରାଯାଉଛି । ୨୦୨୫ ଶେଷ ସୁଦ୍ଧା ଭାରତରେ ୨୪ କ୍ୟାରେଟ ସୁନା ୧୦ ଗ୍ରାମର ଦର ୮୫ ହଜାର ଟଙ୍କାରେ ପହ ୍ପାରେ । ସେହିପରି ଆ ର୍ଯାତୀୟ ସ୍ତରରେ ସୁନାର ମୂଲ୍ୟ ଆଉନ୍ସ ପ୍ରତି ୩ ହଜାର ଡ଼ଲାର ହୋଇପାରେ । ସୁନା ଦର ବଢିବାର ୩ଟି କାରଣ ରହିଛି । ପ୍ରଥମ କାରଣ ହେଉଛି ବିଶ୍ୱର ସବୁ ଦେଶର ବ୍ୟାଙ୍କ (କେନ୍ଦ୍ରୀୟ ବ୍ୟାଙ୍କ) ମାନେ ଅଧିକରୁ ଅଧିକ ସୁନା କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଋଷ- ୟୁକ୍ରେନ ଯୁଦ୍ଧ ପରଠାରୁ ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମାନେ ଅଧିକରୁ ଅଧିକ ସୁନା କିଣୁଛନ୍ତି । ୨୦୨୨ରେ ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମାନେ ଯେତିକି ସୁନା କିଣୁଥିଲେ ଏବେ ଏହାର ପରିମାଣ ୩ ଗୁଣ ବୃଦ୍ଧି ପାଇଛି । ଆମେରିକାର ଫେଡ଼େରାଲ ବ୍ୟାଙ୍କ (କେନ୍ଦ୍ରୀୟ ବ୍ୟାଙ୍କ) ସୁଧ ହାର କମାଇପାରେ । ଏଣୁସୁନାର ମୂଲ୍ୟ ବଢିବା ନିଶ୍ଚିତ । ସୁଧହାର ବଢିଲେ ସୁନାର କିଣାବିକା ବଢେ । ଟ୍ରମ୍ପ ତାଙ୍କ ନିର୍ବାଚନୀ ରାଲିରେ ମଧ୍ୟ ପୂର୍ବ ଯୁଦ୍ଧ ଏବଂ ଋଷ- ୟୁକ୍ରେନ ଯୁଦ୍ଧ ବନ୍ଦ କରିବା କଥା କହିଛନ୍ତି । ଏବେ ରାଷ୍ଟ୍ରପତି ହେବାପରେ ଯୁଦ୍ଧ ବନ୍ଦ ପାଇଁ ଉଦ୍ୟମ କରିବେ ନିଶ୍ଚୟ । କିନ୍ତୁ ବ ମାନର ଅବସ୍ଥା ଯାହା ସେଥିରୁ ସ୍ପଷ୍ଟ ଯେ ଯୁଦ୍ଧ ଲମ୍ବା ସମୟ ପର୍ଯ୍ୟନ୍ତ ଚାଲିପାରେ । ଯଦି ଯୁଦ୍ଧ ଲମ୍ବା ଚାଲେ ତେବେ ସୁନାର ମୂଲ୍ୟ ବଢ଼ିବା ଥୟ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*

# ବିଦେଶୀ ଧନର ପ୍ରଭାବରୁ ଭାରତର ସମାଜକୁ ରକ୍ଷା କରିବାକୁ ବଡ ପଦକ୍ଷେ



ସମନ୍ୱୟ ନନ୍ଦ

ଦେଶରେ ବହୁଳ ମାତ୍ରାରେ ଏନଜିଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି । ସେମାନେ ଦେଶର ବିଭିନ୍ନ ସମସ୍ୟାକୁ ନେଇ କାମ କରୁଥିବା ବୋଲି ଦାବି କରୁଥିବା ବେଳେ ଏମାନଙ୍କ ମଧ୍ୟରୁ ଅନେକ ବାସ୍ତବରେ ତାଙ୍କର ଘୋଷିତ ଉଦ୍ଦେଶ୍ୟର ବିଲକୁଲ ଓଲଟା କାମ କରୁଥିବା ଦେଖିବାକୁ ମିଳିଥାଏ । ଏମାନଙ୍କ ମଧ୍ୟରୁ ଏନେକ ଏନଜିଏଓ ଫରେନ କଂଟ୍ରିବ୍ୟୁସନ ରେଗୁଲେସନ ଆକ୍ଟ (ଏଫସିଆରଏ) -ଅନୁଯାୟୀ ପଂଜୀକୃତ ହୋଇଥାନ୍ତି ଓ ସେମାନଙ୍କର କାମ ପାଇଁ ବିଭିନ୍ନ ଦେଶରୁ ବିପୁଳ ମାତ୍ରାରେ ବିଦେଶୀ ଧନ ଆଣିଥାନ୍ତି । ବିଦେଶରୁ ଆଣୁ ଥିବା ଏହି ଅର୍ଥରେ ସେମାନେ ସମାଜକୁ ଭାଗ ଭାଗ କରିବା, ଦେଶର ବିକାଶମୂଳକ କାର୍ଯ୍ୟରେ ଅବରୋଧ ସୃଷ୍ଟି କରିବା, ଦେଶର ଲୋକ ମାନଙ୍କୁ ପ୍ରଲୋଭନ ଓ ଅନ୍ୟ ବେଆଇନ ଉପାୟରେ କନଭର୍ଟ କରିବା ଆଦି କାର୍ଯ୍ୟ କରୁଥିବାର ଅନେକ ପ୍ରମାଣ ରହିଛି । ତେବେ ଭାରତ ସରକାର ଗତ ନଭେମ୍ବର ମାସ ୮ ତାରିଖ ଦିନ ଏଫସିଆରଏକୁ ନେଇ ଏକ ନୋଟିସ ଜାରୀ କରିଛନ୍ତି । ଏଫସିଆରଏ ଜରିଆରେ ଅର୍ଥ ବିଦେଶରୁ ଆଣୁଥିବା ଏହି ଏନଜିଓ ମାନେ ଯଦି କୌଣସି ପ୍ରକାର ଉପରୋକ୍ତ ବେଆଇନ କାର୍ଯ୍ୟ କରନ୍ତି ତେବେ ସେମାନଙ୍କର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ଏହି ନୋଟିସରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ଏହି ଲେଖାରେ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ କଣ ଉଲ୍ଲେଖ ରହିଛି ସେ ବିଷୟରେ ଆଲୋଚନା କରିବା ।

ଯଦି ଦେଖିବାକୁ ଯିବା ମୋଦୀ ସରକାର ଆସିବା ପର ଠାରୁ ହିଁ ଏହି ଏଫସିଆରଏ ଆଇନର ଉଲ୍ଲଂଘନ କରୁଥିବା ଏନଜିଓ ଓ ଅନ୍ୟ ସଂସ୍ଥା ମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ କରି ଆସୁଛି । ଚଳିତ ନିର୍ଦ୍ଦେଶନାମାରୁ ସ୍ପଷ୍ଟ ହେଉଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ଏନଜିଓ ମାନଙ୍କ ଉପରେ ଜାଂଚ ପ୍ରକ୍ରିୟାକୁ ଆହୁରି କଡା କଡି କରାଯିବ । ବିଦେଶରୁ ଧନ ଆଣି ସାମାଜିକ ଓ ବିକାଶମୂଳକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନଜିଓ ମାନଙ୍କର କାର୍ଯ୍ୟ ଶୈଳୀ ଉପରେ ସରକାର କଡା ନଜର ରଖିବାର ବ୍ୟବସ୍ଥା କରୁଛନ୍ତି ।

ଅନେକ ସମୟରେ ଦେଖା ଯାଉଛି ଯେ ଯେତେବେଳେ ସରକାର କୌଣସି ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରିବାକୁ ଯାଆନ୍ତି ସେତେବେଳେ ହଠାତ ଉକ୍ତ ଅଂଚଳରେ ସେହି ବିକାଶ କାର୍ଯ୍ୟକୁ କରାଇ ନ ଦେବାକୁ ଆନ୍ଦୋଳନ ହୁଏ । ଭିତିଭୂମି ହେଉ, ସ୍ୱାସ୍ଥ୍ୟ ସେବା ହେଉ ବା ଅନ୍ୟ କୌଣସି ବିକାଶମୂଳକ କାର୍ଯ୍ୟ ହେଉ, ଏ ସବୁକୁ ରୋକିବାକୁ ଆନ୍ଦୋଳନ କରାଯାଇଥାଏ । ଆନ୍ଦୋଳନରେ ସାଧାରଣ ଲୋକ ମାନେ ତ ସାମିଲ ଥାଆନ୍ତି ହେଲେ ଏହା ପଛରେ କିଏ ଥାଏ ? ଏହି ଆନ୍ଦୋଳନକୁ ପଛରୁ ଥାଇ କିଏ ପରିଚାଳନା କରୁ ଥାଏ ? ଆନ୍ଦୋଳନର ଖର୍ଚ୍ଚ କିଏ ବହନ କରିଥାଏ ? ଅନେକ ସମୟରେ ପ୍ରମାଣ ମିଳିଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ସଂସ୍ଥା ଓ ଏନଜିଓ ମାନେ ଲୋକ ମାନଙ୍କୁ ମତାଇ ବିକାଶ ମୂଳକ କାର୍ଯ୍ୟ ନ କରାଇ ଦେବାକୁ ଆନ୍ଦୋଳନର ପଛରେ ଥାଆନ୍ତି । ଆନ୍ଦୋଳନର ଖର୍ଚ୍ଚକୁ ସେମାନେ ବହନ କରିଥାନ୍ତି । ସମାଜରେ କାମ କରିବାର ଉଦ୍ଦେଶ୍ୟ ଦେଖାଇ ସେମାନେ ବିଦେଶରୁ ଅର୍ଥ ଆଣନ୍ତି ହେଲେ ଏହାର ବ୍ୟବହାର ଭାରତର ବିକାଶକୁ ରୋକିବାକୁ କରିଥାନ୍ତି । ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶକୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ସଂସ୍ଥା ଓ ଏନଜିଓ ମାନଙ୍କର ଏଫସିଆରଏ ଲାଇସେନ୍ସ ରଦ୍ଦ କରାଯିବ ।

ଦ୍ୱିତୀୟ ବିଷୟଟି ହେଲା ବେଆଇନ ଭାବେ ହିନ୍ଦୁ ମାନଙ୍କୁ କନଭର୍ଟ କରିବା । ଏଭଳି ଅନେକ ଏନଜିଓ ଅଛନ୍ତି ଯେଉଁମାନେ ବିଦେଶରୁ ଅର୍ଥ ସେବା କରିବା ନାମରେ ଆଣନ୍ତି ହେଲେ ତାର ବ୍ୟବହାର ଭାରତର ହିନ୍ଦୁ ମାନଙ୍କୁ କନଭର୍ଟ କରିବାରେ ଖର୍ଚ୍ଚ କରିଥାନ୍ତି । କନଭର୍ଟ କରିବା ସହ ସେମାନେ ବିଭିନ୍ନ ସ୍ତର ଦେଇ କାମ କରିଥାନ୍ତି । ସେମାନେ ସମାଜରେ ବିଭିନ୍ନ ଜାତି ଜାତି ମଧ୍ୟରେ ବିଷମତାକୁ ବଢାଇବାକୁ ଚେଷ୍ଟା କରିଥାନ୍ତି । ସମାଜର ବିଭିନ୍ନ ବର୍ଗ ମଧ୍ୟରେ ବିଦ୍ୱେଷ ଉତ୍ପନ୍ନ କରାଇଥାନ୍ତି । ସେମାନେ କେବଳ ଦେଶର ଲୋକ ମାନଙ୍କୁ କନଭର୍ଟ ହି କରି ନ ଥାନ୍ତି ବରଂ ସମାଜରେ ବିଦ୍ୱେଷର ମଂଜି ମଧ୍ୟ ବୁଣିଥାନ୍ତି । ଏବେ ଏଭଳି ସଂସ୍ଥା ଓ ଏନଜିଓ ମାନଙ୍କୁ ଆଉ ଛଡା ଯିବ ନାହିଁ । ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଏହାର ମଧ୍ୟ ଉଲ୍ଲେଖ କରାଯାଇଛି । ବିଦେଶରୁ ଧନ ଆଣି ଭାରତର ଲୋକ ମାନଙ୍କୁ କନଭର୍ଟ କରିବାର ପ୍ରକ୍ରିୟା ଉପରେ ରୋକ ଲଗାଯିବା ନିତାନ୍ତ ଆବଶ୍ୟକ ବୋଲି ସରକାର ଅନୁଭବ କରିଛନ୍ତି । ତେଣୁ କୌଣସି ସଂସ୍ଥା ବା ଏନଜିଓ ଯଦି ବିଦେଶରୁ ଧନ ଆଣି ଭାରତୀୟ ମାନଙ୍କୁ କନଭର୍ଟ କରିବାର କାମ କରୁଥିବା କୌଣସି ଫିଲ୍ଡ ଏଜେନ୍ସି ରିପୋର୍ଟ ଦିଏ ତେବେ ଉକ୍ତ ସଂସ୍ଥା ବା ଏନଜିଓର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ନୂଆ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

ଏହି ନିର୍ଦ୍ଦେଶନାମାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ମଧ୍ୟ ରହିଛି । ଅନେକ ସମୟରେ ଦେଖା ଯାଇଛି ଯେ ଏଫସିଆରଏ ଜରିଆରେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ବିଭିନ୍ନ ସଂସ୍ଥା ଓ ଏନଜିଓ ଓ ଏଗୁଡିକର ପ୍ରମୁଖ ପଦାଧିକାରୀ ବିଭିନ୍ନ ଆତଙ୍କବାଦୀ ସଂଗଠନ, କିମ୍ବା ହିଂସା କରୁଥିବା ସଂଗଠନ ମାନଙ୍କ ସହ ସମ୍ପର୍କ ରହିଥାଏ । ଏବେ ଏଭଳି ମାମଲା ଗୁଡିକ ମଧ୍ୟ ଜାଂଚ ହେବ । ଉଦାହରଣ ସ୍ୱରୂପ ଯଦି ଉତର ପୂର୍ବ ଭାରତରେ ବିଦେଶରୁ ଅନୁଦାନ ଆଣି କାର୍ଯ୍ୟ କରୁଥିବା କୌଣସି ସଂସ୍ଥା ସେଠାରେ କୌଣସି ଆତଙ୍କବାଦୀ କିମ୍ବା ହିଂସା କରୁଥିବା ସଂଗଠନ ସହ ସମ୍ପର୍କ ରଖିଥାଏ ଓ ଯଦି ତାହା ଜାତୀୟ ସୁରକ୍ଷା ପାଇଁ ବିପଦ ଥିବ ତେବେ ଏହାକୁ ମଧ୍ୟ ଏଫସିଆରଏର ଉଲ୍ଲଂଘନ ବୋଲି ଧରା ଯିବ । ଏଭଳି କ୍ଷେତ୍ରରେ ମଧ୍ୟ ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରି ଦିଆଯିବ । ନୂଆ ନିର୍ଦ୍ଦେଶନାମାରେ ବିଚ୍ଛିନ୍ନତାବାଦୀ ଶକ୍ତି, ଦେଶ ବିରୋଧୀ ଶକ୍ତି ମାନଙ୍କ ସହ ସମ୍ପର୍କ ରଖିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି । ଦେଶର ସୁରକ୍ଷା ଦୃଷ୍ଟିରୁ ଏହି ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ନୂଆ ନିର୍ଦ୍ଦେଶନାମାରେ ଆଉ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ରହିଛି । ଅନେକ ସମୟରେ ଦେଖା ଯାଏ ଯେଉଁ ଉଦ୍ଦେଶ୍ୟ ରଖି ଏନଜିଓ ସଂସ୍ଥା ମାନେ ବିଦେଶରୁ ଅନୁଦାନ ଆଣିଥାନ୍ତି ସେହି ଉଦ୍ଦେଶ୍ୟରେ ଉକ୍ତ ଅର୍ଥକୁ ଖର୍ଚ୍ଚ କରିବା ବଦଳରେ ଅନ୍ୟବାଟରେ ଖର୍ଚ୍ଚ କରିଥାନ୍ତି । ନୂତନ ନିର୍ଦ୍ଦେଶନାମା ଅନୁସାରେ ଯଦି କେହି ଏନଜିଓ ଏଭଳି କାର୍ଯ୍ୟ କରେ ତେବେ ତାଙ୍କ ବିରୁଦ୍ଧରେ ଦଂଡବିଧାନର ବ୍ୟବସ୍ଥା ରହିଛି । କେବଳ ସେତିକି ନୁହେଁ ସେମାନଙ୍କର ଏଫସିଆରଏ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇ ପାରେ । ଯଦି କୌଣସି ଏନଜିଓ ସଂସ୍ଥା ଅନୁଦାନକୁ ଅନ୍ୟ ବାଟରେ ଖର୍ଚ୍ଚ କରୁଛି କିମ୍ବା ଅନ୍ୟ ପ୍ରକାର କାର୍ଯ୍ୟକଳାପ କରୁଛି ତେବେ ଉକ୍ତ ସଂସ୍ଥା ଜାଂଚର ପରିସର ମଧ୍ୟକୁ ଆସିବ । ଏହା ଦ୍ୱାରା ବିଦେଶୀ ଅର୍ଥରେ ପରିଚାଳିତ ସଂସ୍ଥା ମାନଙ୍କର ଉତରଦାୟିତ୍ୱ ମଧ୍ୟ ସ୍ଥିର ହେବ ବୋଲି ଆଶା କରାଯାଉଛି ।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ଅନେକ ଭିତିଭୂମି ସମ୍ପର୍କିତ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ବିରୁଦ୍ଧରେ ଅନେକ ସ୍ଥାନରେ ଆନ୍ଦୋଳନ ହେଉଥିବା ଦେଖିବାକୁ ମିଳୁଛି । ଏହି ଆନ୍ଦୋଳନ ସ୍ୱତଃସ୍ଫୂର୍ତଃ ଭାବେ ନୁହେଁ ବରଂ ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ମାନେ କରାଉଥିବାର ସ୍ପଷ୍ଟ ପ୍ରମାଣ ଦେଖିବାକୁ ମିଳୁଛି । ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ଗୁଡିକ ଭିତିଭୂମି ପ୍ରକଳ୍ପ ଗୁଡିକ ବିରୁଦ୍ଧରେ ଜନ ଆନ୍ଦୋଳନ ଠିଆ କରାଇ ବାସ୍ତବରେ ଭାରତ ବିରୋଧୀ ଶକ୍ତି ମାନଙ୍କ ପାଇଁ ପରୋକ୍ଷରେ କାର୍ଯ୍ୟ କରିଥାନ୍ତି । ଯେଉଁ ବିଦେଶୀ ଶକ୍ତି ମାନେ ଭାରତ ଆଗକୁ ବଢୁ ବୋଲି ଚାହନ୍ତି ନାହିଁ ସେମାନଙ୍କର ଉଦ୍ଦେଶ୍ୟକୁ ଏହି ଏନଜିଓ ମାନେ ଚରିତାର୍ଥ କରିବାକୁ ଚେଷ୍ଟା କରିଥାନ୍ତି । ଏହି କାରଣରୁ ଦେଶର ବିଦ୍ୟୁତ ଶକ୍ତି ଓ ଅନ୍ୟାନ୍ୟ ଭିତିଭୂମି ପ୍ରକଳ୍ପ ଦୀର୍ଘ ଦିନ ଧରି ବିଳମ୍ବିତ ହେଉଛି । ଭାରତର ଜନସାଧାରଣଙ୍କୁ ଏହାର ମୂଲ୍ୟ ଦେବାକୁ ପଡୁଛି । ସେହିପରି ବିଦେଶୀ ଅର୍ଥରେ ଭାରତର ସମାଜକୁ ବିଭାଜିତ କରି ସେମାନଙ୍କୁ କନଭର୍ଟ କରିବାକୁ ଯେଉଁ ପ୍ରୟାସ ଲଗାତାର ଚାଲିଛି ତାହା ମଧ୍ୟ ଅତ୍ୟନ୍ତ ଉଦବେଗଜନକ । ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଦେଶ ସମ୍ମୁଖରେ ଥିବା ଏହି ଜ୍ୱଳନ୍ତ ପ୍ରସଙ୍ଗ ଗୁଡିକର ସମାଧାନ ପାଇଁ ପ୍ରୟାସ କରାଯାଇଛି ଯାହାକୁ ସ୍ୱାଗତ କରାଯିବା ଉଚିତ । କିଛି ଲୋକ ଏହା ଦ୍ୱାରା କ୍ଷତି ହେବ ବୋଲି ବିନା କାରଣରେ ଆଶଙ୍କା ପ୍ରକାଶ କରୁଛନ୍ତି । କାରଣ ଯେଉଁ ସଂସ୍ଥା କୌଣସି ବେଆଇନ କାମ ନ କରି ସଠିକ କାର୍ଯ୍ୟ କରିବ ତା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବାର ପ୍ରଶ୍ନ ଉଠୁ ନାହିଁ । ତେଣୁ ମୋଟ ଉପରେ କହିବାକୁ ଗଲେ ବିଦେଶୀ ଅର୍ଥରେ ଭାରତରେ ହସ୍ତକ୍ଷେପ କରାଯିବାର ପ୍ରୟାସକୁ କୌଣସି ପ୍ରକାରରେ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମୋଦୀ ସରକାର ଏହା ମାଧ୍ୟମରେ ସ୍ପଷ୍ଟ ସଂକେତ ଦେଇଛନ୍ତି ।

# ଶୀତ ଦିନେ ସ୍ନାୟୁପୀଡ଼ା



ଡାକ୍ତର ଗୁରୁପଦ ମିଶ୍ର

ଶୀତ ଋତୁରେ ବିଭିନ୍ନ ପ୍ରକାର ପୁରାତନ ବ୍ୟଥା ମୁଣ୍ଡ ଟେକେ । ଏହି ଋତୁରେ ସ୍ନାୟୁ ସହିତ ଜଡ଼ିତ ବିଭିନ୍ନ ରୋଗ, ଗଣ୍ଠି- ମାଂସପେଶୀ ଦରଜ ଆଦି ହୋଇଥାଏ । କୌଣସି ପୁରୁଣା ଆଘାତ ଯାହାକି ପୂର୍ବରୁ ଠିକ୍ ହୋଇଯାଇଥାଏ । ତାହା ମଧ୍ୟ ପୁଣି ବାହାରେ । କେବଳ ବୟସ୍କଲୋକ ନୁହଁନ୍ତି, ଯୁବକ, ଯୁବତୀମାନେ ଏ ପ୍ରକାର ସମସ୍ୟା ଭୋଗିଥାନ୍ତି । ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍ ରୋଗୀଙ୍କ ଠାରେ ଏ ପ୍ରକାର ରୋଗର ଆଶଙ୍କାବେଶୀ । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଗଣ୍ଠି ମାଂସପେଶୀ ବ୍ୟଥାର ଭୟ ୪୦ ପ୍ରତିଶତ ଅଧିକ । ସ୍ନାୟୁ ସହିତ ଜଡ଼ିତ ବ୍ୟଥା ନ୍ୟୁରୋପାଥିକ ପେନ୍ ଭାବରେ ପରିଚିତ । ଏହା ଯେ କୌଣସି ବୟସର ବ୍ୟକ୍ତିଙ୍କୁ ହୋଇଥାଏ । ଏଥିରେ ସାଇଟିକା, ଡାଇବେଟିସ୍, କ୍ୟାନସର ସଂକ୍ରାନ୍ତ ସ୍ନାୟୁ ବ୍ୟଥା, ମୁହଁ ଦରଜ, ମାଇଗ୍ରେନ, ଷ୍ଟ୍ରୋକ୍, ସ୍ପାଇନାଲ କୋର୍ଡ଼ ଇଂଜୁରୀ, କୌଣସି ଦୁର୍ଘଟଣା ଆହତ ଆଦି ସାମିଲ । ଅପରେସନ ପରେ ଦେହରେ ଯେଉଁ କଟାଦାଗ ରହିଯାଏ ତାହା ମଧ୍ୟ ବ୍ୟଥାର କାରଣ ସାଜିଥାଏ । କୌଣସି ମହିଳାଙ୍କର ସିଜେରିଆନ ଅସ୍ତ୍ରୋପଚାର ପରେ ଯେଉଁ କଟାଦାଗ ରହେ ତାହା ମଧ୍ୟ ବ୍ୟଥାର କାରଣ ହୋଇଥାଏ । ତେବେ ସମସ୍ତଙ୍କ ଠାରେ ଯେ ଏପରି ବ୍ୟଥା ହେବ ତାହା ନୁହେଁ, ବିଶେଷକରି ଅସ୍ତ୍ରୋପଚାର ପରେ ଯେଉଁମାନଙ୍କର କିଛି କ୍ଷତି ଘଟିଥାଏ ସେମାନଙ୍କ କ୍ଷେତ୍ରରେ ଏପରି ବ୍ୟଥାର ଆଶଙ୍କା ଅଧିକ । ଶୀତ ବଢ଼ିବା ସହିତ ଶରୀରରେ ରକ୍ତ ଯୋଗାଉଥିବା ସ୍ନାୟୁ ସଂକୁଚିତ ହୋଇଯାଏ । ଫଳରେ ଦେହରେ ଠିକ୍ ଭାବରେ ରକ୍ତ ସଂଚାର ହୋଇପାରେ ନାହିଁ ଏବଂ ବିଭିନ୍ନ ପ୍ରକାର ବ୍ୟଥା ବୃଦ୍ଧି ପାଏ । ନ୍ୟୁରୋପାଥିକ ବ୍ୟଥା ଫଳରେ ରୋଗୀ ଶରୀର କୌଣସି ଅଂଶ କୁଣ୍ଡେଇ ହେବା, ଜ୍ୱାଳା ଅନୁଭୂତ ହେବା, ଛୁରୀ ମାରିଲା ଭଳି ଦରଜ, ବିଦ୍ୟୁତ୍ ସକ୍ ଲାଗିବା ପରି ଜଣାପଡ଼ିଥାଏ ।

ଏଥିରେ ଯେଉଁ ସ୍ନାୟୁ ଅଧିକ ସକ୍ରିୟ ଜଣାପଡ଼େ ତାହାକୁ ଅସ୍ଥାୟୀ ଭାବରେ ବ୍ଲକ୍ କରିଦିଆଯାଏ । ବ୍ଲକ କରିବା ପାଇଁ ସେହି ସ୍ନାୟୁରେ ଇଞ୍ଜେକସନ୍ ମଧ୍ୟ ଦିଆଯାଏ । ଫଳରେ ବ୍ୟଥା କମ୍ ଜଣାପଡ଼େ । ଖରା ବଢ଼ିଲେ ଏହି ସ୍ନାୟୁ ୩/୪ ମାସ ଭିତରେ ରିଜେନେରେଟ୍ ହୋଇଥାଏ । ସେହିଠାରୁ ରକ୍ତ ସ୍ନାୟୁ ଆପେ ଆପେ ଠିକ୍ ହେବା ଆରମ୍ଭ ହୁଏ । ସାଇଟିକା କିମ୍ବା ସ୍ପାଇନାଲ କର୍ଡ଼ ସମସ୍ୟା ଯାହା ହେଉନା କାହିଁକି ଏସବୁଥିରେ ଇଞ୍ଜେକସନ୍ ନେବାକୁ ପଡ଼ିଥାଏ । ଷ୍ଟ୍ରୋକ୍ ହେଉଥିଲେ ଔଷଧ ମାଧ୍ୟମରେ ଏହାର ଚିକିତ୍ସା କରାଯାଏ । ଏହା ସାଙ୍ଗକୁ ଫିଜିଓ ଥେରାପି କରିବାକୁ ପଡ଼େ । ଇଞ୍ଜେକସନ୍ ମଧ୍ୟ ଦିଆଯାଏ । ମୁହଁ ଦରଜ ଏଥିରେ ମୁହଁର ଏକ ସ୍ଥାନରେ ବିଦ୍ୟୁତ୍ କରେଣ୍ଟ ମାରିଲା ପରି ବ୍ୟଥା ଅନୁଭୂତ ହୁଏ ଏବଂ ଏକ ମିନିଟ୍ ଦୁଇ ମିନିଟ୍ ପର୍ଯ୍ୟନ୍ତ ଜଣାପଡ଼େ । ଏହା ବିଶେଷ କରି ଗାଲ ଭିତରେ ଅନୁଭୂତ ହୁଏ ଏବଂ କିଛି ଦିନ, ସପ୍ତାହ କିମ୍ବା ମାସ ପର୍ଯ୍ୟନ୍ତ ବଜାୟ ରହେ । ପୁଣି ହଠାତ୍ କିଛି ମାସ-ବର୍ଷ ଆରମ୍ଭ ହୋଇ କ୍ରମଶଃ ବଢ଼େ ଏବଂ ଗାଲର ସଂସ୍ପର୍ଶରେ କୌଣସି ଜିନିଷ ଆସିଲେ ବିଶେଷ କରି ଖିଅର ହେବା, ମୁହଁ ଧୋଇବା, ମେକଅପ୍ ଲଗାଇବା ସମୟରେ ବଢ଼ିଥାଏ । ବ୍ରଶ କରିବା, ଖାଇବାପିଇବା, କଥା କହିବା ଏବଂ ବାୟୁ ସଂସ୍ପର୍ଶରେ ଆସିଲେ ମଧ୍ୟ ଏ ପ୍ରକାର ବ୍ୟଥା ବଢ଼ାଇଥାଏ । ଯେ କୌଣସି ଏ ପ୍ରକାର ବ୍ୟଥା ଅନୁଭୂତ ହୋଇଥାଏ । ତେବେ ୫୦ରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ଏ ପ୍ରକାର ବ୍ୟଥାର ଆଶଙ୍କା ବେଶୀ । ପୁରୁଷଙ୍କ ତୁଳନାରେ ମହିଳାମାନେ ଏ ପ୍ରକାର ବ୍ୟଥା ଅଧିକ ଅନୁଭୂତ କରିଥାନ୍ତି । ଟ୍ରିଜେମିନାଲ୍ ସ୍ନାୟୁ ଦବିଯିବା ଫଳରେ ଏ ପ୍ରକାର ବ୍ୟଥା ହୋଇଥାଏ ।

ଏ ପ୍ରକାର ରୋଗୀ ଭିଟାମିନ୍ ବି, ଖାଇବା ଜରୁରୀ । ସବୁଜ ପନିପରିବା, କଦଳୀ, ଅମୃତଭଣ୍ଡା ଇତ୍ୟାଦି ଖାଦ୍ୟରେ ସାମିଲ କରିବା ଉଚିତ । ଏହାଛଡ଼ା ସୁପ୍, ଆମିଷ, ଆଦି ଖାଇଲେ ଶରୀରକୁ ଉଷ୍ମତା ମିଳିଥାଏ । ଶୀତଦିନ ସ୍ନାୟୁକୁ ଥଣ୍ଡା ଠାରୁ ସୁରକ୍ଷିତ ରଖିବା ଉଚିତ । ଯେଉଁମାନଙ୍କର ସ୍ନାୟୁ ଦୁର୍ବଳ ସେମାନେ ବାଇକ୍ ଚଳାଇବା ସମୟରେ ନିଜ ମୁଣ୍ଡ, ମୁହଁ ଏବଂ କାନକୁ ସମୟରେ ନିଜ ମୁଣ୍ଡ, ମୁହଁ ଏବଂ କାନକୁ ଗରମ କପଡ଼ାରେ ଘୋଡ଼ାଇ ରଖିବା ଆବଶ୍ୟକ । ନଚେତ୍ ଥଣ୍ଡା ପବନ ବାଜି ସ୍ନାୟୁ ପ୍ରଭାବିତ ହେବାର ଆଶଙ୍କା ଥାଏ ।

*ଭେଷଜ ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଲାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।







## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦର୍ଷା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତ୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତ୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତ୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଟିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର୍ଯ୍ୟ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍.ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କୀୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୂଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରମାପଂଚାୟତରେ ଥିବା ଶାଖା ଡାକଘର ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଛା ଅଫିସ ଖୋଲୁଛନ୍ତି, ନିଜ ଇଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା । ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି ।

# ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉତ୍ପନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟସ୍‌ଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି।

# ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୂବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଳୀ ଦେବସ୍ମିତା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଲି, ଇଂ ଲଡୁକିଶୋର ପଢିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ ।

# ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି । ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି । ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି । ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ । ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ । ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି । ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ । ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ ।ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ୱଳ ଉଦାହରଣ ରହିଛି ।ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି ।ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି ।ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା,ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ,ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା । ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ପୁପୁ ମହାପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ । ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ । ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା । ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି । ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ , ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ । ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ । ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ ।

# ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଶଣ କରିଥିଲେ । ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ । ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା । ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା । ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା । ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରିଥିଲେ । ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି । ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ ।

# ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ପର୍ଯ୍ୟବେକ୍ଷକ

Bhubaneswar Tuesday December 17 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୧୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ୧୦ମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,(ପି.ଏନ): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ୧୦ମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ କହିଲେ ସ୍ୱତନ୍ତ୍ର ଶିଶୁମାନେ ମଧ୍ୟ ଭଗବାନଙ୍କ ଅମୃତ ସନ୍ତାନ । ଏଭଳି ପିଲାଙ୍କ ବିଷୟରେ ଚିନ୍ତା କରିବା ଓ ସେମାନଙ୍କୁ ମାର୍ଗଦର୍ଶନ କରିବା ହେଉଛି ଗୁରୁ ଦାୟିତ୍ୱ । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ଏ ଦିଗରେ ବ୍ୟାପକ ପଦକ୍ଷେପ ନେଇଥିବାରୁ ଶ୍ରୀମତୀ ପାଢ଼ୀ ସେନ୍ ଗ୍ଲୋବକୁ ଧନ୍ୟବାଦ ଜଣାଇଥିଲେ । ଏହି ଶିଶୁମାନଙ୍କ ପାଇଁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିରାଶ ନହୋଇ ଆଗ୍ରହର ସହ ସେମାନଙ୍କ କଥା ବୁଝିଲେ ସେମାନେ ନିଶ୍ଚିତ ଭାବେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ । ସେମାନଙ୍କୁ ଜୀବନ କୌଶଳ ଓ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଗଲେ ସେମାନେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇପାରିବେ ଓ ସମାଜ ପ୍ରତି ସେମାନଙ୍କ ଯୋଗଦାନ ରହିବ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ସ୍ୱତନ୍ତ୍ର ଛାତ୍ରଛାତ୍ରୀମାନେ ସମସ୍ତଙ୍କ ସହ ସମାନ ଭାବେ ବଞ୍ଚିବାର ଅଧିକାର ରହିଛି । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଭାରତର ଏକମାତ୍ର ଅନୁଷ୍ଠାନ ଯେଉଁଠି ଅନ୍ୟ ସାଧାରଣ ପିଲାଙ୍କ ସହ ସେନ୍ ଗ୍ଲୋବରେ ସ୍ୱତନ୍ତ୍ର ପିଲାଙ୍କୁ ସମାନ୍ତର ଭାବେ ଯତ୍ନ ନିଆଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯାଉଛି । ଏହା ଏକ ସୁନ୍ଦର



ପରିକଳ୍ପନା । ସେହି ପିଲାଙ୍କଠାରେ କଣ ଅଭାବ ରହିଛି ତା ଉପରେ ଅନୁଧ୍ୟାନ କରାଯାଇ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସେହି ପିଲାଙ୍କ ଆବଶ୍ୟକ ଅନୁସାରେ ଗୁରୁତ୍ୱ ଦିଆଯାଇଥାଏ । ଏଭଳି ସ୍ୱତନ୍ତ୍ର ଶିଶୁଙ୍କ ପିତାମାତା ଓ ଅଭିଭାବକମାନେ ଏହାକୁ ନକରାତ୍ମକ ନଭାବି ପରିସ୍ଥିତିର ସାମନା କରିବାକୁ ଶ୍ରୀ ସାମନ୍ତ ଆହ୍ୱାନ ଦେଇଥିଲେ । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ଦେଇ କହିଲେ, ସେନ୍ ଗ୍ଲୋବ୍‌ରେ ସମ୍ମିଳିତ ଶିକ୍ଷା ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଫଳରେ ସ୍ୱତନ୍ତ୍ର ପିଲାଙ୍କ ମଧ୍ୟରେ ଥିବା ଅକ୍ଷମତା ସେମାନେ ଅନୁଭବ ନ କରି ସାମଗ୍ରିକ ବିକାଶ ଦିଗରେ ଶିକ୍ଷା ଗ୍ରହଣ କରିପାରୁଛନ୍ତି । ଅକ୍ଷମତା ସେମାନଙ୍କଠାରେ ଏକ ପ୍ରତିବନ୍ଧକ ବୋଲି ସେମାନେ ଯେଭଳି ଅନୁଭବ ନକରନ୍ତି ସେଥିପାଇଁ ସେନ୍ ଗ୍ଲୋବ୍ ସର୍ବଦା ଯତ୍ନଶୀଳ ରହିଆସିଛି । ଫଳରେ ସେନ୍ ଗ୍ଲୋବ୍‌ର ସ୍ୱତନ୍ତ୍ର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦିତ କରୁଛନ୍ତି ବୋଲି ଡ. ବଳ ସୂଚନା ଦେଇଥିଲେ । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଅଧକ୍ଷ ତଥା ନିର୍ଦ୍ଦେଶକ ଡ. ସଞ୍ଜୟ ସୁଆର କହିଲେ, ଗତ ୧୦ବର୍ଷ ମଧ୍ୟରେ ସେନ୍ ଗ୍ଲୋବ୍ ଯଥେଷ୍ଟ ଉନ୍ନତି କରିଛି । ଏହାର ଛାତ୍ରଛାତ୍ରୀମାନେ ଜୀବନକୌଶଳ ଶିକ୍ଷା ଲାଭ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ପ୍ରାୟ ୧୦ ଜଣ ସ୍ୱତନ୍ତ୍ର ଛାତ୍ରଛାତ୍ରୀ ସାମଗ୍ରିକ ଶିକ୍ଷା ଲାଭ କରି ଉଚ୍ଚତର ଶିକ୍ଷା ପାଇଁ ଏବେ କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି । କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ପରାମର୍ଶଦାତା ସ୍ୱାଗତିକା ସାମନ୍ତରାୟ ଉପସ୍ଥିତ ରହି ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ଅଧିବେଶନରେ ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ୟୁ ଏନ୍ ଦାଶ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେଶିଆଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚର ଗବେଷଣା ପରାମର୍ଶଦାତା ପ୍ରଫେସର ହରେଶ ମିଶ୍ର ଅଂଶଗ୍ରହଣ କରି ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ଯତ୍ନ ଉପରେ ଆଲୋକପାତ କରିଥିଲେ । ଶେଷରେ ସେନ୍ ଗ୍ଲୋବ୍ ସଂଯୋଜିକା ସୁକନ୍ୟା ମହାକୁଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୃତ ପିସିଆର୍ ଡ୍ରାଇଭର ସୁକେଶ ମଣ୍ଡଳଙ୍କୁ ନ୍ୟାୟ ଦାବୀରେ ପୁଣି ଥାନା ଆଗରେ ଧାରଣା

ପାରାଦୀପ,(ପି.ଏନ): ପାରାଦୀପ ଆଦର୍ଶ ଥାନାରେ ପିସିଆର୍ ଡ୍ରାଇଭର ଭାବେ କାର୍ଯ୍ୟ କରିଥିବା ସୁକେଶ ମଣ୍ଡଳଙ୍କ ମୃତ୍ୟୁକୁ ୫ ମାସ ପୁରି ଯାଇଥିଲେବି ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଗଲା ନାହିଁ । ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ଗିରଫ ଦାବୀରେ ରବିବାର ଦିନ ସୁକେଶ ରହୁଥିବା ମଧୁବନ ଜଗନ୍ନାଥ କଲୋନୀ ବସ୍ତିବାସିନ୍ଦାମାନେ ଏକ ଶୋଭାଯାତ୍ରାରେ ଆସି ପାରାଦୀପ ଆଦର୍ଶ ଥାନା ଆଗରେ ଧାରଣ ଦେଇଥିଲେ । ମଧୁବନଠାରୁ ଏକ ଶୋଭାଯାତ୍ରା କଂଗ୍ରେସ୍ ନେତା ନିରଂଜନ ନାୟକଙ୍କ ନେତୃତ୍ୱରେ ମୃତ ସୁକେଶ ମଣ୍ଡଳଙ୍କ ବାପା ସୁନିଲ ମଣ୍ଡଳଙ୍କ ସମେତ ଜଗନ୍ନାଥ କଲୋନୀ ବସ୍ତିବାସିନ୍ଦାମାନେ ସାମିଲ ହୋଇ ପାରାଦୀପ ଥାନା ଆଗରେ ପହଂଚିଥିଲେ । ପାରାଦୀପ ଆଦର୍ଶ ଥାନା ଅଧିକାରୀ ଛୁଟିରେ ଥିବା ଏବଂ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଆସିଥିବା ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ



ସ୍ମୃତି ରଂଜନ କର ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ସୁକେଶଙ୍କ ମୃତ୍ୟୁକୁ ୫ ମାସ ପୁରିଯାଇଥିଲେ ବି ଅଭିଯୁକ୍ତମାନଙ୍କୁ କାହିଁକୁ ପୋଲିସ୍ ପଚାରାଉଚରା କରୁନି ବୋଲି ପ୍ରଶ୍ନ କରିଥିଲେ । ମୃତ ସୁକେଶଙ୍କ ବାପା ସୁନୀଲ ମଣ୍ଡଳ ଅଭିଯୋଗ କରିଥିଲେ ଯେ, ପୋଲିସ ପିସିଆର୍ ଡ୍ରାଇଭର ମୃତ୍ୟୁ ଘଟଣାରେ ଯଦି ନ୍ୟାୟ ମିଳୁନାହିଁ ତେବେ ସାଧାରଣ ଲୋକଙ୍କୁ ପୋଲିସ୍ କି ନ୍ୟାୟ ଦେବ ବୋଲି ପଚାରି ଥିଲେ । ଏହି ଘଟଣାରେ ରିପୋର୍ଟ ଆସି ନଥିବା କହିଥିଲେ ଡିଏସପି ସନ୍ତୋଷ ଜେନା । ନୂତନ ଭାରପ୍ରାପ୍ତ ଥାନା ଅଧିକାରୀ କାର୍ଯ୍ୟରେ ଯୋଗ ଦେବା ପରେ ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତମାନଙ୍କୁ ଡକାଇ ଜେରା କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କର ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା । ଯଦି ୫ରୁ ୬ ଦିନ ମଧ୍ୟରେ କୌଣସି ସୁଫଳ ନମିଳେ ତେବେ ପୁର୍ନବାର ଆନ୍ଦୋଳନ ହେବ ବୋଲି କଂଗ୍ରେସ୍ ନେତା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ନାଥ ବିଶ୍ୱାଳ ଓ ସୁନୀଲ ମଣ୍ଡଳ କହିଛନ୍ତି ।

# ଜିଲ୍ଲାସ୍ତରୀୟ ବାଲବୈଜ୍ଞାନିକ ପ୍ରଦର୍ଶନୀ

ଜଗତସିଂହପୁର ,(ପି ଏନ) : ଜିଲ୍ଲାସ୍ତରୀୟ ବାଲବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ-୨୦୨୪-୨୫ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ପରିସରରେ ମାନ୍ୟବର ବିଧାୟକ, ଜଗତସିଂହପୁର ଅମରେନ୍ଦ୍ର ଦାସ ଏବଂ ଜିଲ୍ଲାପାଳ ଜେ. ସୋନାଲଙ୍କ ଦ୍ୱାରା ବିଜ୍ଞାନ ପତାକା ଉତ୍ତୋଳନ ଓ ରିବନ କର୍ତ୍ତନ କରାଯାଇ ଉଦଘାଟନ କରାଯାଇଅଛି କ୍ଷ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଜଗତସିଂହପୁରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ବୈଜ୍ଞାନିକ ମାନଙ୍କୁ ମୂଲ୍ୟବନ ଉପଦେଶ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ଜେ. ସୋନାଲ ମୁଖ୍ୟ ବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ପରେଶ ଚ଼ନ୍ଦ୍ର ପାତ୍ର ଏବଂ ରାଜ୍ୟଶ୍ରୀ ସାହୁ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ବିଜ୍ଞାନମେଳା



ପଲାମାନଙ୍କ ଜ୍ଞାନକୌଶଳକୁ କପର ତ୍ୱରାନ୍ୱିତ କରିଥାଏ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ଜାତୀୟ ବିଜ୍ଞାନମେଳାରେ ପାରଦର୍ଶିତା ଦେଖାଇ ଇଣ୍ଡୋ ଜାପାନୀଜ ସାଇନସ ଏକ୍ସଚେଞ୍ଜ ପ୍ରୋଗ୍ରାମ ପାଇଁ ମନୋନୀତ ହୋଇଥିବା ଜଗତସିଂହପୁର କୁନି ବୈଜ୍ଞାନିକ ସୌମ୍ୟରଂଜନ ସାହୁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷସଭାରେ ଜିଲ୍ଲାବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚ଼ୟ ପ୍ରଦାନ କରିଥିଲେ । ସେହିପରି ଜିଲ୍ଲାଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚ଼ନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ଜଗତସିଂହପୁର ମଣ୍ଡଳ ଶିକ୍ଷା ଅଧିକାରୀ ମଧୁସ୍ମିତା ପତି ମୁଖ୍ୟ ବକ୍ତା, ଶାରୀରିକ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଦାସ ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ବିବରଣୀ ପାଠ କରିଥିଲା ବେଳେ ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ମଞ୍ଚ ପରିଚ଼ାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜନା ମଣ୍ଡଳୀର ସଭ୍ୟ ଅମୂଲ୍ୟ କୁମାର ମିଶ୍ର ଏବଂ ସଭ୍ୟା ମନୀଷା ମିଶ୍ର । ସାହିଲ ବେହେରାଙ୍କ 'ଏୟାର ପଲ୍ୟୁସନ', ଆମ୍ରିତ ସେଠୀଙ୍କ ''ଲାଇଫ କୁଲିଙ୍ଗ ସିଷ୍ଟମ ', ଆଦ୍ୟାଶା ସେଠୀଙ୍କ 'ମଲଟି ପ୍ଲେୟାର ସବଜେଟ କୁଇଜ ', ବିଶ୍ୱରଂଜନ ଜେନାଙ୍କ 'ଡେଭଲପଡ ଫାରମିଙ୍ଗ', ଜ୍ୟୋତି ପ୍ରିୟଦର୍ଶିନୀ ଦାସଙ୍କ 'ଓମେନ ସେଫଟି ମୋଟରବାଇକ ', ପଲକ ପ୍ରିୟଦର୍ଶିନୀ ବେହେରାଙ୍କ 'ସେଲଫ ବର୍ନିଙ୍ଗ ଅଗରବତୀ ', ଏବଂ ସାଇ ଅଭିଷେକ ଆ ଚ଼ାର୍ଯ୍ୟଙ୍କ 'ୱେଷ୍ଟ କଲେକସନ ଫ୍ରମ ୱାଟର ' ଜିଲ୍ଲା ସ୍ତରରେ ମନୋନୀତ ହୋଇଥିବାରୁ ପୁରସ୍କୃତ କରାଯାଇଥିଲା । ସେମାନେ ଆସନ୍ତା ୧୮ତାରିଖରେ ସରକାରୀ ବାଳକ ଉଚ୍ଚ଼ ବିଦ୍ୟାଳୟ ବରଗଡ଼ରେ ରାଜ୍ୟ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବେ ।

# କେରଙ୍ଗ ଜୈତୁନ୍ ନିସା ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ଛାତ୍ର-ଛାତ୍ରୀଙ୍କ ବନ୍ଧୁ ମିଳନ

ଖୋର୍ଦ୍ଧା,(ପି.ଏନ): ସମୟ ସୁଅରେ ଏବେ ସମସ୍ତେ ବ୍ୟସ୍ତ । କିଏ କର୍ମମୟ ଜୀବନର ଚାପରେ ତ କିଏ ପାରିବାରିକ ଜଞ୍ଜାଳରେ ବନ୍ଧା । ଇଚ୍ଛା ଥିଲେ ବି ଯେମିତି କାହା ପାଇଁ, କାହା ପାଖରେ ନାହିଁ ସମୟ । ଏମିତିରେ ଏବେ ଅନେକ ସ୍କୁଲ ଆଉ କଲେଜ ବେଳର ଅପାସୋରା ସ୍ମୃତିକୁ ତାଜା କରିବାର ବଳିଷ୍ଠ ମାଧ୍ୟମ ସାଜିଛି ପୁରାତନ ବନ୍ଧୁ ମିଳନ ଉତ୍ସବ । ଏହିଭଳି ଦେଖିବାକୁ ମିଳିଛି ଖୋର୍ଦ୍ଧା ଉପକଣ୍ଠ କୁମ୍ଭିଲୋ ଗ୍ରାମର କଖଡ଼ା ଗୋସାଇଁ ମନ୍ଦିର ନିକଟସ୍ଥ ଏକ ପିକ୍‌ନିକ୍ ସ୍ଥାନରେ । ଏହି ସ୍ଥାନରେ କେରଙ୍ଗ ଜୈତୁନ୍ ନିସା ଉଚ୍ଚ ବିଦ୍ୟାଳୟ ୧୯୯୨ବ୍ୟାଚ୍ ପ୍ରାକ୍ତନ ଛାତ୍ର-ଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଭାନେତ୍ରୀ ହୁସନେଆରା ବେଗମଙ୍କ ପ୍ରଚେଷ୍ଟାରେ ଦୀର୍ଘ ୩୦ ବର୍ଷ ପରେ ବନ୍ଧୁ ମିଳନର ଆୟୋଜନ କରାଯାଇଥିଲା । ସ୍କୁଲ ପାଠ ପଢା ସରିବା ପରେ ସବୁ ସାଙ୍ଗ ଏକାଠି ଭେଟି ପାରି ନଥିଲେ । ଏହିଭଳି କାର୍ଯ୍ୟକ୍ରମରେ ଏତେ ବର୍ଷ ପରେ ସମସ୍ତଙ୍କୁ ଭେଟିବା, କଥାବାର୍ତ୍ତା ହେବା ଏବଂ ଭୋଜି କରି ଖାଇବାର ଅନୁଭୂତି ଥିଲା ସମ୍ପୂର୍ଣ୍ଣ ନିଆରା । ସେହି ୩-୪ ଘଂଟା ସମୟରେ ଯେମିତି ପୁଣି ଫେରି ଯାଇଥାନ୍ତି ସେହି ପୁରୁଣା ସ୍କୁଲ ଦିନକୁ




ଆଉ ମନରେ ଏକ ଅଦ୍ଭୁତ ଆନନ୍ଦ ଭରି ଯାଇଥାଏ । ଜଣେ ଅନ୍ୟ ଜଣକୁ ଭେଟି ବେଶ୍ ଖୁସି ଲାଗୁଥାଏ । ସ୍ମୃତି ସାଉଁଟିବାର ବଳିଷ୍ଠ ମାଧ୍ୟମ ଥିଲେ ବସନ୍ତ କୁମାର ସାମନ୍ତରାୟ । ସ୍କୁଲ ଆଉ କଲେଜ ସମୟ କାହାକୁ ବା ଭଲ ନ ଲାଗେ । ପାଠପଢାର ଯେତେ ଚାପ ଥିଲେ ବି ସାଙ୍ଗସାଥୀଙ୍କ ସହ ବିତାଉ ଥିବା ପ୍ରତିଟି ମହୂର୍ତ୍ତ ଥାଏ ଖୁବ୍ ଆନନ୍ଦଭରା । ଧୀରେ ଧୀରେ ବୟସ ବଢିବା ସହ ଏସବୁ ସମୟ ପାଲଟେ ଅତୀତର ସ୍ମୃତି । କର୍ମଜଞ୍ଜାଳ ଭିତରେ ଯେବେ ସାଙ୍ଗଟିଏର ଫୋନ୍ କଲ୍ ଆସିଯାଏ ଅବା ଫେସ୍ ବୁକ୍‌ରେ କାହାର ଫଟୋ ଦେଖିବାକୁ ମିଳିଯାଏ, ମନେପଡ଼ିଯାଏ ସବୁ କିଛି ଏବଂ ଇଚ୍ଛା ହୁଏ ପୁଣି ଥରେ ସେହି ପୁରୁଣା ଦିନକୁ ଫେରିଯିବାକୁ । ଏହି ବନ୍ଧୁ ମିଳନ ଦ୍ୱାରା ନା କେବଳ ଖୁସି ମିଳିଥାଏ ବରଂ ଲୋକ ସମ୍ପର୍କ ବୃଦ୍ଧି ହୋଇଥାଏ; ଯାହାକି ସୁବିଧା ଅସୁବିଧା ସମୟରେ ବେଶ୍ କାମରେ ଆସିଥାଏ ବୋଲି ମୌଲାନା ଫଜଲ ହକ ଖାନ ବନ୍ଧୁ ମାନଙ୍କ ସମ୍ମୁଖରେ ନିଜର ଅଭିଜ୍ଞତାକୁ ବଖାଣି ଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବସନ୍ତ କୁମାର ସାମନ୍ତରାୟ, ରମେଶ କୁମାର ସାମନ୍ତରାୟ, ମନୋରଞ୍ଜନ ମିଶ୍ର, ମମତାଜ ଅଲ୍ଲୀ ଖାଁ,ଶ୍ୟାମସୁନ୍ଦର ସାହୁ,ଖାଲିଦ ଖାଁ, ଧୀରମୋହନ ପଟ୍ଟନାୟକ, ନିଆମତ ଅଲ୍ଲୀ, ନବକିଶୋର ବେହେରା,ମସି ଖାଁ, ଦେବେନ୍ଦ୍ରନାଥ ଆଚାର୍ଯ୍ୟ,ଲିଆକତ ଖାଁ, ସତ୍ୟନାରାୟଣ ବଡ଼ଜେନା, ସେକ ଶାହାନୱାଜ, ଘନଶ୍ୟାମ ବେହେରା, ଅନୱର ଅଲ୍ଲୀ ଖାଁ, ପ୍ରଦୀପ ବେହେରା, ଫଜଲ ହକ ଖାନ୍, ବିଦେଶୀ ନାୟକ, ଅନୱର ଅହମଦ, ହୁସନେଆରା ବେଗମ, କୁଦ୍ଦୁସା ବେଗମ, ରସିଦା ବେଗମ, ନରଗିସ ବେଗମ, କୌସର ବେଗମ ଏବଂ ଗୁଲସନ ବାନୁ ଯୋଗ ଦେଇଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray